ଧରିତ୍ରୀ
DHARITRI

January 22-28, 2023 ₹ 2/-

# ଛୁଟିଦିନ



## ପ୍ରାଣୀ ପର୍ଯ୍ୟଟନ

ପ୍ରଚ୍ଛଦ ପ୍ରସଙ୍ଗ

୩

ପର୍ଯ୍ୟଟନର ଗନ୍ତାଘର ଓଡ଼ିଶା। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେମିତି ସମସ୍ତଙ୍କୁ ଆକୃଷ୍ଟ କରିଥାଏ ସେମିତି ଆକୃଷ୍ଟ କରିଥାଏ ଏଠାକାର ପ୍ରାଣୀ ପର୍ଯ୍ୟଟନ..

# ଗୃହଶାନ୍ତି ପାଇଁ ...



## ଗୃହ ଶାନ୍ତି ପାଇଁ କ'ଣ କହେ ବାସ୍ତୁଶାସ୍ତ୍ର...

* ଘରର ମୁଖ୍ୟ ଦ୍ୱାରରେ ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ କରି ଆମ୍ବ ଡାଳ ବାନ୍ଧିଲେ ଘରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ ହେବା ସହ ପ୍ରଭୁକୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

* ଘରେ କଳହ ଲାଗୁଥିଲେ, କାଚ ଗିନାରେ କିଛି ଲୁଣ ନେଇ ଗାଧୁଆ ଘରେ ରଖିଦେଲେ ବାସ୍ତୁଦୋଷ ସମାଧାନ ହୁଏ ବୋଲି ବିଶ୍ୱାସ ରହିଛି।

* ଘରର ଦକ୍ଷିଣ-ପୂର୍ବ କୋଣରେ ସବୁଜିମାଭରା ଚିତ୍ର ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇ ଶାନ୍ତି ବଜାୟ ରହିଥାଏ ବୋଲି ବିଶ୍ୱାସ ଅଛି।

* ଘରେ ରାହୁ ଦୋଷ ଥିଲେ ମୟୂର ପୁଚ୍ଛକୁ ଘରର ପୂର୍ବ କିମ୍ବା ଉତ୍ତର ଦିଗରେ ଥିବା କବାଟରେ ଲଗାଇଦେଲେ ଶୁଭ ହୋଇଥାଏ ।

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଠାକୁର ଘର କାନ୍ଥରେ ସିନ୍ଦୁରରେ ଓଁ ଏବଂ ସ୍ୱସ୍ତିକ ଚିହ୍ନ କରିବା ମଧ୍ୟ ଶୁଭଫଳ ପ୍ରଦାନ କରିଥାଏ।



* ସପ୍ତାହକୁ ଥରେ ହେଉନା କାହିଁକି ଘରେ ଝୁଣା ଧୂଆଁ ଦେବା ଦ୍ୱାରା ଘରୁ ନକାରାତ୍ମକ ଉର୍ଜ୍ଜା ଦୂର ହୋଇ ଶାନ୍ତି ବଜାୟ ରହିଥାଏ ବୋଲି ବିଶ୍ୱାସ ରହିଛି।

*ଘରେ ଭଙ୍ଗାରୁଜା ଜିନିଷ କିମ୍ବା ଅଳିଆ ଆବର୍ଜନାକୁ ଗଦେଇ ରଖିବା ଠିକ୍ ନୁହେଁ। ଏହାର କୁପ୍ରଭାବ ମଧ୍ୟ ଘରର ସୁଖଶାନ୍ତି ଉପରେ ପଡିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୨୨-୨୮

**ମେଷ**

ଦୈହିକ ସୁସ୍ଥତା, ମାନସିକ ଅସ୍ଥିରତା, କାର୍ଯ୍ୟସିଦ୍ଧିରେ ଆଶଙ୍କା, ବନ୍ଧୁଙ୍କ କ୍ଷୋଭ, ଯାତ୍ରାରେ ସଫଳତା, କଳାସାହିତ୍ୟରେ ଉନ୍ନତି, ବାଣିଜ୍ୟ ବାଧା ଦୂରହେବ, ଶୁଭଖବର ପ୍ରାପ୍ତି, ପ୍ରଶାସନିକ ଅସ୍ଥିରତା, ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ ॥

**ବୃଷ**

କର୍ମକ୍ଷେତ୍ରରେ ଅବହେଳା, ବିବାଦଗ୍ରସ୍ତ ହୋଇପାରନ୍ତି, ଦ୍ରବ୍ୟନଷ୍ଟରୁ କ୍ଷୋଭ, ପଡୋଶୀଙ୍କ ସୌହାର୍ଦ୍ଦ୍ୟ, ବନ୍ଧୁଙ୍କୁ ଆପଣେଇବେ, ମନୋରଞ୍ଜନ କାର୍ଯ୍ୟରେ ରୁଚି, ବ୍ୟବସାୟିକ ସଫଳତା, ନୂତନ ମିତ୍ରତା, ଦୂରଯାତ୍ରା ପାଇଁ ପ୍ରସ୍ତୁତି ॥

**ମିଥୁନ**

କାର୍ଯ୍ୟସିଦ୍ଧିରୁ ପ୍ରଶଂସା, ଆର୍ଥିକ ଉନ୍ନତି, ମକଦ୍ଦମାରେ ବିଜୟ, ତିର୍ଥାଟନର ଯୋଜନା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଜମିଜମା ବିବାଦ, ଯାନ୍ତ୍ରିକ ତ୍ରୁଟି ବିଚ୍ୟୁତି, ମାନସିକ ଅବସାଦ, ନିରୁତ୍ସାହିତ ହେବେ, ପାରିବାରିକ ମତାନ୍ତର, ସନ୍ତାନ ହେତୁକ ଗୌରବ ॥

**କର୍କଟ**

କର୍ମଜଞ୍ଜାଳ ବଢ଼ିବ, ବାହାରେ ସମୟ କାଟିବେ, ଭୋଗବିଳାସରୁ ଦୂରେଇବେ, ଲକ୍ଷ୍ୟସ୍ଥଳରେ ପହଞ୍ଚିବେ, ନୂଆ ସମ୍ପର୍କ ଯୋଡିବେ, କର୍ମଧାରାରେ ପରିବର୍ତ୍ତନ, ଆଶାବାଦୀ ହେବେ, ବ୍ୟବସାୟରେ ଶିଥିଳତା ॥

**ସିଂହ**

ପ୍ରାଧାନ୍ୟତା ବଢ଼ିବ, ଅପ୍ରିୟ ସତ୍ୟ ଭାଷଣରୁ କଳହ,କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ଘର ସାଜସଜ୍ଜା କରିପାରନ୍ତି, କଚେରୀ ମାମଲାରେ ବାଇଦା, ପାରିବାରିକ ମନାନ୍ତର, ବାଣିଜ୍ୟର ଅଭିବୃଦ୍ଧି, ଧର୍ମକାର୍ଯ୍ୟର ଆଲୋଚନା ॥

**କନ୍ୟା**

ନୂଆ ଯୋଜନା, ବାସ୍ତବତା ଭିନ୍ନ ହୋଇପାରେ, ସୁସମ୍ପର୍କ ବ୍ୟାହତର ଆଶଙ୍କା, ବାଣିଜ୍ୟରେ କ୍ଷତି, ମୂଲ୍ୟବାନ ଦ୍ରବ୍ୟଲାଭ, ପରିସ୍ଥିତି ବଦଳିପାରେ, ପୂର୍ବପ୍ରସ୍ତୁତିରେ ବ୍ୟତିକ୍ରମ, ପାରିବାରିକ ଦ୍ୱନ୍ଦ୍ୱ, ସନ୍ତାନଙ୍କ କୃତିତ୍ୱ, ଶିକ୍ଷାରେ ଉନ୍ନତି ॥

**ତୁଳା**

କୂଟନୀତିରେ କାର୍ଯ୍ୟସିଦ୍ଧି, ଅପେକ୍ଷାକୃତ ଅସୁବିଧା, ତିକ୍ତତାର ସମାପ୍ତି, ଭୂ-ସମ୍ପତ୍ତି ବିବାଦ, ଧର୍ମକାର୍ଯ୍ୟରେ ବ୍ୟସ୍ତତା, ଫଳପ୍ରଦ ଆଲୋଚନା, ଋଣ ପରିଶୋଧ, ରୋଗପୀଡା କମିବ, ଯାତ୍ରା ସଫଳ, ପ୍ରତିବନ୍ଧକ ଦୂରହେବ ॥

**ବିଛା**

ଚିନ୍ତିତ ରହିବେ, କ୍ଲାନ୍ତିବୋଧ କରିବେ, ଆଶା ଫଳବତୀ ହେବ, ଦେବାର୍ଚ୍ଚନା କରିପାରନ୍ତି, ସହନଶୀଳତାରୁ ସଫଳତା, ଶୁଭକାର୍ଯ୍ୟରେ ଯୋଗଦାନ, ରଚନାତ୍ମକ କାର୍ଯ୍ୟରେ ଆଗ୍ରହ, କ୍ରୀଡା ଚଳଚ୍ଚିତ୍ରରୁ ପ୍ରଶଂସା ॥

**ଧନୁ**

ଅର୍ଥ ସଂଗ୍ରହରେ ତତ୍ପରତା, ଆଶାପୂରଣ ହେବ, ଟେନ୍‌ସନ କମିଯିବ, ଯାନ୍ତ୍ରିକ ଜିନିଷ କ୍ରୟ, ଶୁଭ ଖବରପ୍ରାପ୍ତି, ଭୁଲ୍ ବୁଝାମଣା ଦୂରହେବ, ବୃତ୍ତି ବାଣିଜ୍ୟରେ ଅଗ୍ରଗତି, ବାଇଦା କରିପାରନ୍ତି, ପ୍ରତିଯୋଗୀତାରେ ସଫଳତା, ନୂତନବନ୍ଧୁ ସମ୍ପର୍କ।

**ମକର**

ପରିସ୍ଥିତିକୁ ସଜାଡି ନେବେ, ଶୁଣାଣିରେ ବିଳମ୍ବ, କର୍ମ ତତ୍ପରତା ବୃଦ୍ଧି, ଉଚ୍ଚବର୍ଗର ଅନୁକମ୍ପା, ବନ୍ଧୁ ସହଯୋଗ, ବିବାଦର ଅବସାନ, ସାଂସ୍କୃତିକ କାର୍ଯ୍ୟକ୍ରମାରମ୍ଭ, ସମ୍ବର୍ଦ୍ଧିତ ହୋଇପାରନ୍ତି, ବିବାହ ସମ୍ପର୍କିତ କଥାବାର୍ତ୍ତା ॥

**କୁମ୍ଭ**

ସୁସ୍ଥ ଜୀବନଚର୍ଯ୍ୟା, ଶାରୀରିକ ସୁସ୍ଥତା, ବ୍ୟବହାରିକ କୁଶଳତା, ବନ୍ଧୁଙ୍କ ଅଭ୍ୟର୍ଥନା, ଅନତି ଦୂରଯାତ୍ରା, ପ୍ରିୟଜନଙ୍କୁ ମିଶିବେ, ଆବଶ୍ୟକତା ବଢିଯିବ, ନିଷ୍ପତି ବଦଳିପାରେ, ଏଜେନ୍ସିପ୍ ବଢିବ, ସମସ୍ୟାର ସମାଧାନ ॥

**ମୀନ**

କାମଟି ଶେଷ ହେବନି, ଉପରିସ୍ଥଙ୍କ ତାଗିଦା, ସ୍ଥାନାନ୍ତର ଯୋଜନା, ଭ୍ରାତୃ ସମ୍ପର୍କରେ ଉନ୍ନତି, ନୂଆ ସମ୍ପର୍କ ଯୋଡିବେ, ବୃତ୍ତିଗତ ଧନ୍ଦାରେ ପ୍ରତିବନ୍ଧକ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପୁରାଣ ପଠନରେ ଆଗ୍ରହ, ଧର୍ମକାର୍ଯ୍ୟରେ ଯୋଗଦାନ, ବଦଳି ସ୍ଥଗିତ ହେବ ॥

# ତୁଳସୀ ମାହାତ୍ମ୍ୟ

ତୁଳସୀ ଚଉରା ପ୍ରତ୍ୟେକଙ୍କ ଘର ଅଗଣାରେ ରହିଥାଏ। କାରଣ ଏହା ଘରର ପରିବେଶକୁ ପବିତ୍ର କରିବା ସହ ଗୃହରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ କରାଇଥାଏ। କୌଣସି କାମରେ ଘରୁ ବାହାରିବା ସମୟରେ ତୁଳସୀ ଚଉରା ମୂଳେ ମୁଣ୍ଡିଆ ମାରି ଗଲେ କାମଟି ସୁରୁଖୁରୁରେ ସମ୍ପନ୍ନ ହୋଇଥାଏ ବୋଲି ବିଶ୍ୱାସ ରହିଛି। କେବଳ ମୁଣ୍ଡିଆ ମାରି ନୁହେଁ ତୁଳସୀ ମୂଳର ମାଟିକୁ ବି ମୁଣ୍ଡରେ ଲଗାଇ ବାହାରକୁ ଗଲେ ଶୁଭ ହୋଇଥାଏ। ଏପରିକି କୁହାଯାଏ, ଛୋଟ ପିଲାଙ୍କ ମୁଣ୍ଡରେ ତୁଳସୀ ମାଟି ଲଗାଇଲେ ସେମାନଙ୍କୁ କାହାରି ଖରାପ ନଜର ଲାଗେନାହିଁ। ତା'ଛଡ଼ା ତୁଳସୀ ଗଛର ଅନେକ ଔଷଧୀୟ ଗୁଣ ବି ଅଛି। ଯେଉଁ ବ୍ୟକ୍ତି ପ୍ରତିଦିନ ସୁଧପୂତ ହୋଇ ମାତ୍ର ୭ଟି ତୁଳସୀ ପତ୍ର ଚୋବାଇ ଖାଇଥାନ୍ତି, ତାଙ୍କୁ ଥଣ୍ଡା, କାଶ, କଫ ଜନିତ ରୋଗ ପ୍ରାୟତଃ ହୁଏନାହିଁ। କେବଳ ସେତିକି ନୁହେଁ, ଉକ୍ତ ବ୍ୟକ୍ତିଙ୍କଠାରେ ଉଦର ଜନିତ ରୋଗ ବି ଖୁବ୍ କମ୍ ଦେଖାଯାଇଥାଏ ବୋଲି ବିଶ୍ୱାସ ରହିଛି। ଘରର ଡାହାଣପଟେ ତୁଳସୀ ବଗିଚା କରିବା ଅତ୍ୟନ୍ତ ଶୁଭ ହୋଇଥାଏ ; ଏହାଦ୍ୱାରା ଘରର ସଦସ୍ୟଙ୍କୁ ଅମ୍ଳଜାନ ପ୍ରଚୁର ମିଳିଥାଏ।



# ପାଠକୀୟ

* ଦିନେ ଶିଶୁଧାବକ ଭାବରେ ଏମାନେ ଥିଲେ ଚର୍ଚ୍ଚାରେ। କିନ୍ତୁ ପ୍ରତିକୂଳ ପରିସ୍ଥିତି ସହ ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ଏମାନେ ଏବେ ଦୌଡ଼ଠାରୁ ବହୁ ଦୂରରେ। ସେହିଭଳି କିଛି ପ୍ରତିଭାବାନ୍ ଖେଳାଳିଙ୍କ ନିରାଶାଭରା କାହାଣୀକୁ ନେଇ ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଦିନେ ଥିଲେ ଚର୍ଚ୍ଚାରେ ଏବେ କେଉଁଠି' ଏକ ମର୍ମସ୍ପର୍ଶୀ ଆଲେଖ୍ୟ ଥିଲା। 'ପ୍ରଭୁ ହନୁମାନଙ୍କ ଫଟୋ ଲଗାଉଥିଲେ', 'ଦାମୀ ଖଟ' ଆଦି ପାଠରୁ ଅନେକ ନୂଆ କଥା ଜାଣିହେଲା।

**– ରଶ୍ମିତା ସୁବୁଦ୍ଧି, ରାଣୀହାଟ, କଟକ**

* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଦିନେ ଥିଲେ ଚର୍ଚ୍ଚାରେ ଏବେ କେଉଁଠି' ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଟ୍ରେଣ୍ଡି ଲେଦର୍ ଜ୍ୟାକେଟ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ କାରିଗରି ଓ ଚେତନାର ଦୀପ୍ତ ପୁରୁଷ ଶିଳ୍ପୀ କେଶୁ ଦାସଙ୍କ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ନନାଙ୍କ ଚଷମା' ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ହୋଇଥିଲା।

**– ଶିବପ୍ରସାଦ ଦାସ, ରାୟଗଡ଼ା**

* ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ବିଶେଷ କରି ଏଥିରେ ସ୍ଥାନିତ 'ବାପା ସୁପରମ୍ୟାନ', 'ହୋମ୍‌ସିକ୍ କରୀନା', 'ଡରୁଛନ୍ତି ସାରା', 'ମୋମୋ ପ୍ରିୟ ଉର୍ବଶୀ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ମନଛୁଆଁ ହୋଇପାରିଥିଲା। ଲେଖିକା ତଥା ୟୁଟ୍ୟୁବର୍ ସୁପ୍ତି କରଙ୍କ ରୋଜଗାର ସମ୍ପର୍କିତ ଅନୁଭୂତି ବି ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତର ମଧ୍ୟ ରୋମାଣ୍ଟିକ୍‌ଭରା ହୋଇଥିଲା।

**– ପ୍ରଭାତ ସାହୁ, ନାଉଗାଁ, ଜଗତ୍‌ସିଂହପୁର**

* 'ଅଜବ ବ୍ୟାକପ୍ୟାକ' ପାଠଟି ବେଶ୍ ନିଆରା ଥିଲା। ମଡେଲ୍ ମିରର୍‌ରେ ଶ୍ରୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ ନୂଆବର୍ଷ ଅବସରରେ କେଉଁ କେଉଁ ପର୍ଯ୍ୟଟନସ୍ଥଳୀକୁ ବୁଲି ଯାଇହେବ ସେ ସମ୍ପର୍କରେ ଜାଣିହେଲା। ବିବିଧା ପୃଷ୍ଠାରୁ ଲିପ୍‌ଷ୍ଟିକ୍ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'କାଫେରେ ସୁନ୍ଦରୀ ରୋବୋ' ଶୀର୍ଷକ ଲେଖାଟି ମଧ୍ୟ ଏକ ନିଆରା ଆଲେଖ୍ୟ ଥିଲା।

**– ଅମରେଶ ଷଡ଼ଙ୍ଗୀ, ସମ୍ବଲପୁର**

* ଏଥରର ବ୍ୟଙ୍ଗ 'ମେସେଜ୍ ବୃତ୍ତାନ୍ତ'ରୁ ଅନେକ ନୂଆ କଥା ଜାଣିହେଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପୁରୁଣା ଚପଲରେ ପୋର୍ଟ୍ରେଟ୍', 'ଫୁଲ ପାଖୁଡ଼ାରେ ଡ୍ରେସ୍', 'କୁମ୍ଭୀରକୁ ମାଲିସ୍' ଆଦି ପାଠଗୁଡ଼ିକ ଯେତିକି ମଜାଦାର୍ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା।

**– ଆୟୁଷ ପଟ୍ଟନାୟକ, ଭଦ୍ରକ**

## ବିଶେଷ ଚିଠି



ଦିନେ ଥିଲେ ଚର୍ଚ୍ଚାରେ
ଏବେ କେଉଁଠି
ଥିଲା ଏକ ନିଆରା ଆଲେଖ୍ୟ,
ଏଥିରୁ ଜାଣିହେଲା
ପ୍ରତିଭାମାନଙ୍କର
ଲୁଚି ରହିଥିବା ଦୁଃଖ।
ସେଥିପାଇଁ ଛୁଟିଦିନ ତୁମେ ମହାନ୍,
ତୁମକୁ ମୋର ଶତ ସଲାମ୍।

**– ମନୋଜ ଦାସ, ବମିଖାଲ, ଭୁବନେଶ୍ୱର**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com





# ପ୍ରାଣୀ ପର୍ଯ୍ୟଟନ

**ପର୍ଯ୍ୟଟନର ଗନ୍ତାଘର ଓଡ଼ିଶା। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେମିତି ସମସ୍ତଙ୍କୁ ଆକୃଷ୍ଟ କରିଥାଏ ସେମିତି ଆକୃଷ୍ଟ କରିଥାଏ ଏଠାକାର ପ୍ରାଣୀ ପର୍ଯ୍ୟଟନ..**

ଏବେ ପର୍ଯ୍ୟଟନର ଋତୁ। ଆଉ ଓଡ଼ିଶା ହେଉଛି ପର୍ଯ୍ୟଟନର ଗନ୍ତାଘର। ଏଠାକାର ପାହାଡ଼, ଝରଣା, ପଶୁପକ୍ଷୀ ସବୁକିଛି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ତେବେ ଯେଉଁମାନେ ଖାସ୍ ପଶୁପକ୍ଷୀଙ୍କୁ ଦେଖିବାକୁ ଆଗ୍ରହୀ ସେମାନଙ୍କ ପାଇଁ ଓଡ଼ିଶା ଏକ ସୁନ୍ଦର ସ୍ଥାନ। ଏଠାକାର ଏମିତି ଅନେକ ସ୍ଥାନ ରହିଛି, ଯେଉଁଠି ପର୍ଯ୍ୟଟକମାନେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ପଶୁପକ୍ଷୀଙ୍କୁ ଦେଖିପାରିବେ...

### ମୁଣ୍ଡଳୀର ମୟୂର ଭ୍ୟାଲି

କାହ୍ନାଙ୍କ ଡାକରେ ଓହ୍ଲାଇଆସନ୍ତି ବଣପାହାଡ଼ରୁ। ଆ... ଆ... ଆ... ଡାକିଟିକୁ ସତେଯେପରି କାନ ପାରିଥାନ୍ତି ସେମାନେ। ରାତି ପାହିଲେ ଅପେକ୍ଷା କରିଥାନ୍ତି କେତେବେଳେ ଡାକ ଶୁଭିବ କାହ୍ନାଙ୍କର। ଡାକ ଶୁଭିଲା ମାତ୍ରେ ମନ୍ତ୍ରମୁଗ୍ଧ କଲାଭଳି ବଣପାହାଡ଼ରୁ ଓହ୍ଲାଇ ଆସି କାହ୍ନାଙ୍କ ପାଖରେ ରୁଣ୍ଡ ହୋଇଯାନ୍ତି। ଏ ହେଉଛି କଟକ ଜିଲା ମୁଣ୍ଡଳୀର ମୟୂର ଭ୍ୟାଲିର କଥା। ଯେଉଁଠି କାହ୍ନା ବେହେରାଙ୍କ ଡାକ ଶୁଣି ରୁଣ୍ଡ ହୋଇଯାନ୍ତି ମୟୂରମାନେ। ପ୍ରତିଦିନ ସକାଳେ, ଉପରବେଳା ମୟୂରମାନଙ୍କୁ ଡାକି ଖାଇବାକୁ ଦେବା ଏକ ରୁଟିନ୍‌ବନ୍ଧା କାମ ହୋଇଛି କାହ୍ନାଙ୍କର। ବନାଂଚଳର ସବୁଜିମା ଭିତରେ ଏଭଳି ଏକ ବିରଳ ଦୃଶ୍ୟ ଦେଖିବାକୁ ବହୁ ଦର୍ଶକଙ୍କ ଭିଡ଼ ଜମୁଛି। ନରାଜ ବାସିନ୍ଦା କାହ୍ନା ଓଡ଼ିଶା ପୋଲିସରେ ଜଣେ ହୋମଗାର୍ଡ ଭାବେ ମୁଣ୍ଡଳୀ ଫାୟାରିଂ ରେ କାମ କରନ୍ତି। କାହ୍ନାଙ୍କ ଜେଜେ ପାଣ୍ଡୁ ବେହେରା ପ୍ରଥମେ ମୟୂରଙ୍କୁ ଡାକି ଖାଇବାକୁ ଦେଉଥିଲେ। କାହ୍ନାଙ୍କ କହିବାନୁସାରେ, ତାଙ୍କ ଜେଜେ ଜଣେ ପ୍ରକୃତିପ୍ରେମୀ ମଣିଷ। ସେ ପୋଲିସ ହୋମଗାର୍ଡ ଭାବେ ମୁଣ୍ଡଳିରେ କାର୍ଯ୍ୟରତ ଥିଲେ। ୧୯୯୯ ମହାବାତ୍ୟାରେ ଏଠାରେ ବହୁ ଗଛ ନଷ୍ଟ ହୋଇଗଲା। ସେହି ସମୟରେ ୩ଟି ମୟୂର ପ୍ରଥମେ ଠାବ କରିଥିଲେ ଜେଜେ। ତନ୍ମଧ୍ୟରୁ ଗୋଟିଏ ମୟୂର ଗୋଡ଼ରେ ଆଘାତ ଲାଗି ରକ୍ତ ଝରୁଥିବା ଦେଖି ଜେଜେ ମୟୂରଟିକୁ ଘରକୁ ନେଇଆସିଥିଲେ। ତାକୁ ସମ୍ପୂର୍ଣ୍ଣ ସୁସ୍ଥ କରିଦେବା ପରେ ପୁଣି ଜଙ୍ଗଲରେ ଛାଡ଼ି ଦେଇଥିଲେ। ହେଲେ ତା'ପରଠାରେ ସେ ଦେଖିଲେ ୩ଟିଯାକ ମୟୂର ତାଙ୍କ ନିକଟକୁ ଆସୁଛନ୍ତି। ଜେଜେ ସେମାନଙ୍କୁ ଭାତ ଖାଇବାକୁ ଦେଇଥିଲେ। କ୍ରମେ କ୍ରମେ ଜେଜେ ଓ ମୟୂରଙ୍କ ଭିତରେ ଘନିଷ୍ଠତା ବଢ଼ିଚାଲିଥିଲା। କ୍ରମେ କ୍ରମେ ମୟୂର ସଂଖ୍ୟା ବଢ଼ି ଏବେ ଭ୍ୟାଲିରେ ୧୬୩ରେ ପହଞ୍ଚିଲାଣି। ଏତେସଂଖ୍ୟକ ମୟୂରଙ୍କ ପାଇଁ ପାଖାପାଖି ୪୦ କେଜି ଶସ୍ୟ ଦୈନିକ ଆବଶ୍ୟକ ହେଉଛି। ବିଶେଷ କରି ଧାନ, ଗହମ, ଚାଉଳ ସେମାନଙ୍କୁ ଖାଇବାକୁ ଦିଆଯାଉଛି। ବହୁ ସଂଖ୍ୟକ ପର୍ଯ୍ୟଟକ ଗୁଗ୍‌ଲ ଓ ଲୋକମୁଖରୁ ସୂଚନା ପାଇ ଏଠାକୁ ଆସୁଛନ୍ତି। ସେମାନେ ବି ମୟୂରଙ୍କ ଖାଇବା ପାଇଁ ଖୁସିରେ ଦାନ କରୁଛନ୍ତି। ଭଲ ପାଇବା, ବିଶ୍ୱାସ ଆଗରେ ସମସ୍ତେ ହାର ମାନନ୍ତି ବୋଲି ଜେଜେ କହିଥିଲେ। ତାଙ୍କର ୨୦୧୭ରେ ମୃତ୍ୟୁ ପରେ ଏବେ ସମ୍ପୂର୍ଣ୍ଣ ଦାୟିତ୍ୱ କାହ୍ନା ଉପରେ। ତେବେ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେଲେ ଏହା ପର୍ଯ୍ୟଟକମାନଙ୍କ ପାଇଁ ଆହୁରି ଆକର୍ଷଣର କେନ୍ଦ୍ର ପାଲଟିପାରନ୍ତା ବୋଲି କାହ୍ନା କୁହନ୍ତି।

**ସାତକୋଶିଆ ଅଭୟାରଣ୍ୟ–** ମହାନଦୀର ବିସ୍ତୀର୍ଣ୍ଣ ଜଳରାଶି ନିକଟରେ ରହିଛି ସାତକୋଶିଆ ଅଭୟାରଣ୍ୟ। ଏହା ଅନୁଗୋଳ, ନୟାଗଡ଼, କଟକ ଓ ବୌଦ୍ଧ ଜିଲାର କିଛି ଅଂଶକୁ ନେଇ ଗଠିତ। ୨୦୦୭ରେ ଏହି ଅଞ୍ଚଳକୁ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ଭାବେ ନାମିତ କରାଯାଇଛି। ଏହା କେବଳ ବ୍ୟାଘ୍ର ସଂରକ୍ଷଣାଞ୍ଚଳ ନୁହେଁ, ବରଂ ଘଡ଼ିଆଳ କୁମ୍ଭୀରଙ୍କ ପ୍ରଜନନ ପାଇଁ ଏକ ଉତ୍ତମ ସ୍ଥାନ। ଏହା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ରହିଛି। ଏଠାରେ ବିଭିନ୍ନ ଜାତିର ଜୀବଜନ୍ତୁଙ୍କୁ ଦେଖିବାକୁ ମିଳେ। ଏହି ଅଭୟାରଣ୍ୟଟି ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଭାବେ ସରକାରୀ ମାନ୍ୟତା ପାଇଛି। ଏହା ଟିକରପଡ଼ା ଘଡ଼ିଆଳ କୁମ୍ଭୀର ଗବେଷଣା ଓ ସଂରକ୍ଷଣ ପ୍ରକଳ୍ପ ଭାବେ ପରିଚିତ। ଗ୍ରାମବାସୀ ଓ ଜଙ୍ଗଲ ପରିଚାଳନା ନୀତିରେ ଏହାର ବିକାଶ ପାଇଁ ଉଦ୍ୟମ କରାଯାଉଛି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ଦେଶୀଘର, ବାଉଁଶ ଘର, ତମ୍ବୁଘର ରହିଛି। ପୁରୁଣାକୋଟ୍‌ର ଛୁଟକେଇ ନେଚର କ୍ୟାମ୍ପ୍‌ରେ ଟେଣ୍ଟଘର, କଟେଜ୍ ରହିଛି।


**ଚିଲିକା ପକ୍ଷୀ ଅଭୟାରଣ୍ୟ, ଇରାୱାଡ଼ି ଡଲ୍‌ଫିନ–** ଚିଲିକା ବିଶ୍ୱର ଦ୍ୱିତୀୟ ବୃହତ୍ତମ ଲବଣାକ୍ତ ହ୍ରଦ ଭାବେ ପରିଚିତ। ଏହାର ଜୈବ ବିବିଧତା ପାଇଁ ରାମ୍‌ସାରରେ ସ୍ଥାନ ପାଇଛି। ବିଶେଷକରି ଶୀତଦିନେ ଚିଲିକାର ପକ୍ଷୀ ଅଭୟାରଣ୍ୟ ନଳବଣକୁ ବିଦେଶରୁ ଲକ୍ଷ ଲକ୍ଷ ସଂଖ୍ୟାରେ ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥା'ନ୍ତି। ପକ୍ଷୀଗୁଡ଼ିକ ସାଇବେରିଆ, ଚାଇନା, ଲଦାଖ୍, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇରାକ, ଇରାନ୍, ଭୁଟାନ, ନେପାଳ ଆଦି ଦେଶରୁ ଆସିଥା'ନ୍ତି। ଏହାବ୍ୟତୀତ ବିଶେଷକରି ଚିଲିକାର କାଳିଜାଇ ଗଣ୍ଡ, ନଳବଣ, ସାତପଡ଼ା, ରାଜହଂସ ଓ ସି' ମାଉଥ୍ ଆଦି ଅଞ୍ଚଳରେ ଇରାୱାଡ଼ି ଡଲ୍‌ଫିନ୍ ଦେଖିବାକୁ ମିଳନ୍ତି। ଶୀତଦିନେ ଚିଲିକାର ନଳବଣରେ ବହୁସଂଖ୍ୟକ ପକ୍ଷୀଙ୍କ ସମାଗମ ହେଉଥିବା ବେଳେ ମଙ୍ଗଳାଯୋଡ଼ିରେ ବର୍ଷର ପ୍ରାୟ ସବୁ ସମୟରେ କେତେକ ଜାତିର ପକ୍ଷୀ ବାସ କରୁଥିବା ଦେଖିବାକୁ ମିଳେ।











**ଭିତରକନିକା ଜାତୀୟ ଉଦ୍ୟାନ–** କେନ୍ଦ୍ରାପଡ଼ା ଜିଲାର ଭିତରକନିକା ଅଭୟାରଣ୍ୟ ଭାରତର ଦ୍ୱିତୀୟ ବୃହତ୍ତମ ଲୁଣାଜଙ୍ଗଲ। ଭାରତ ସରକାରଙ୍କ ତରଫରୁ ୧୯୭୫ ମସିହାରେ ଭିତରକନିକାକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଛି। ୧୯ ଅଗଷ୍ଟ ୨୦୦୨ରେ ୟୁନେସ୍କୋ ତରଫରୁ ଏହାକୁ ରାମ୍‌ସାର ସାଇଟ୍ ଭାବେ ଅନ୍ତର୍ଜାତୀୟ ଆର୍ଦ୍ରଭୂମି ଘୋଷଣା କରାଯାଇଛି। ଏଠାକାର ଲବଣାକ୍ତ ଜଳରେ ବିଶେଷକରି ଘଡ଼ିଆଳ, ଶଙ୍ଖୁଆ କୁମ୍ଭୀର ରହିଥିବାବେଳେ ସାମୁଦ୍ରିକ କଇଁଛ, କଙ୍କଡ଼ା, ଖଇଙ୍ଗା ମାଛ, ଇଲିଶି, ଚିଙ୍ଗୁଡ଼ି ଏବଂ ସନ୍ତସନ୍ତିଆ ପରିବେଶରେ ଗୋଧି, ସାପ ଓ ଅନେକ ବିରଳ ସରୀସୃପ ଦେଖାଯାଆନ୍ତି। ଏହି ଜାତୀୟ ଉଦ୍ୟାନ ପରିବେଶରେ ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀର ଏକ ତ୍ରିକୋଣ ଭୂମିରେ ହେନ୍ତାଳବଣ ରହିଛି।

**ଚନ୍ଦକା–ଡମପଡ଼ା ହାତୀ ଅଭୟାରଣ୍ୟ–** ଭୁବନେଶ୍ୱର ଉପକଣ୍ଠ ଉତ୍ତର–ପଶ୍ଚିମ କୋଣରେ ଚନ୍ଦକା–ଡମପଡ଼ା ଅଭୟାରଣ୍ୟ ଅବସ୍ଥିତ। ଏହା ହାତୀଙ୍କ ଆଶ୍ରୟସ୍ଥଳ। ଏହା ଏକ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରକଳ୍ପ। ଏଠାରେ ଡେରାସ ଓ ଝୁମୁକା ଜଳଭଣ୍ଡାର ରହିଛି। ଏହାକୁ ୧୯୮୨ରେ ହାତୀ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଥିଲା। ଏଠାକାର ଚିରହରିତ୍ ଅରଣ୍ୟରେ ଉପକୂଳିଆ ଶାଳ, କଣ୍ଟିବାଉଁଶ ଜଙ୍ଗଲ, ୟୁପଟୋରିଆମ, କାଲୁଚିଆ ବେଲ, ଗିରିଙ୍ଗା, ସୁନାରୀ, ଶାଳ, କୁର୍ମ, ଜାମୁ , କୁମ୍ଭି, କରଞ୍ଜ, ବେତ, ଶିଧ, ଆମ୍ବ, ତେନ୍ତୁଳି, ପଣସ ବୃକ୍ଷ ରହିଛି। ବିଶେଷକରି ପକ୍ଷୀଙ୍କ ମଧ୍ୟରେ କୋଚିଲା, ମୟୂର, ଶୁଆ, ଗୁଣ୍ଡୁରୀ, ବଣକୁକୁଡ଼ା ଦେଖାଯାଆନ୍ତି।

**ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ–** ଓଡ଼ିଶା ଉପକୂଳରେ ଥିବା ମହାନଦୀର ତ୍ରିକୋଣ ଭୂମିକୁ ଲାଗିଛି କେନ୍ଦ୍ରାପଡ଼ା ଜିଲାର ଗହୀରମଥା। ଏଠାରେ ବିରଳ ଅଲିଭ୍ ରିଡ୍‌ଲେ କଇଁଛ ଦେଖାଯାଆନ୍ତି। ଏହା ବ୍ୟତୀତ ଋଷିକୁଲ୍ୟା ଓ ଦେବୀନଦୀ ମୁହାଣରେ ଏହି କଇଁଛମାନେ ଅଣ୍ଡାଦେବାକୁ ଆସିଥା'ନ୍ତି।

**ଉଷାକୋଠି–** ସମ୍ବଲପୁର ଜିଲା ବଡ଼ରମା ଅଭୟାରଣ୍ୟ ବା ଉଷାକୋଠି ଦେଇ ଦୁଇଟି ନଦୀ ବରଧା ଓ ଫେଙ୍ଗନା ପ୍ରଭାହିତ। ଏହି ଅଭୟାରଣ୍ୟ ସମ୍ବଲପୁର ସହର ନିକଟରେ ରହିଛି। ସେହିପରି ରାଉରକେଲାରୁ ଏଠାକୁ ପ୍ରାୟ ୨୦୦ କିମି ଦୂର ହେବ। ଏହି ଅଭୟାରଣ୍ୟରେ ଶାଳ, ପିଆଶାଳ, ଆକାଇଆ, ଅର୍ଜୁନ ବହୁତ ପରିମାଣର ରହିଛି। ଏହି ଜଙ୍ଗଲରେ ନୀଳଗାଈ, କୋକିଶିଆଳ, ହରିଣ, ନେଉଳ ଆଦି ବିଭିନ୍ନ ଜୀବଜନ୍ତୁ ବାସକରନ୍ତି।

**ଦେବ୍ରିଗଡ଼–** ଓଡ଼ିଶାର ବରଗଡ଼ ଜିଲାରେ ଦେବ୍ରିଗଡ଼ ସଂରକ୍ଷିତ ଅଭୟାରଣ୍ୟ ଅବସ୍ଥିତ। ଏହାର କ୍ଷେତ୍ରଫଳ ପ୍ରାୟ ୩୫୪ ବର୍ଗକି.ମି.। ଏହାର ପୂର୍ବ ସୀମାରେ ହୀରାକୁଦ ଜଳଭଣ୍ଡାର। ପ୍ରକୃତିପ୍ରେମୀମାନଙ୍କ ପାଇଁ ଏହା ଏକ ମନୋରମ ପର୍ଯ୍ୟଟନ ସ୍ଥଳ। ଏଠାରେ ଚୌରାଶିଙ୍ଗା ହରିଣ, ଗୟଳ, ଶମ୍ବର, କଲରା ପତରିଆ ବାଘ ଆଦି ଅନେକ ଜଙ୍ଗଲ ଜୀବଜନ୍ତୁ ଦେଖାଯାଆନ୍ତି। ହୀରାକୁଦ ଜଳଭଣ୍ଡାରରେ ବିଭିନ୍ନ ଜାତିର ପକ୍ଷୀଙ୍କୁ ମଧ୍ୟ ଦେଖିବାକୁ ମିଳେ। ପର୍ଯ୍ୟଟକଙ୍କ ପାଇଁ ମଧ୍ୟ ଏହି ଜଙ୍ଗଲର କେତେକ ସ୍ଥାନରେ ଇକୋ ଆବାସ ତିଆରି ରହିଛି ।

**କେନ୍ଦୁଝର ହାତୀ ସଫାରି –** କେନ୍ଦୁଝର ଜିଲାରେ ହାତୀମାନଙ୍କ ଚଳପ୍ରଚଳ ଲାଗିରହିଛି। ବିଭିନ୍ନ ଜଙ୍ଗଲ ଓ ପାହାଡ଼ରେ ହାତୀମାନେ ଦଳ ଦଳ ହୋଇ ବୁଲୁଥିବା ବେଳେ ଅନେକ ସମୟରେ ପଦାକୁ ଆସି ଗାଁ ଗଣ୍ଡାରେ ବୁଲୁଛନ୍ତି। ଧାନ କ୍ଷେତରେ ଧାନ ଫସଲ ଖାଉଥିବା ବେଳେ ବାଡ଼ିରୁ ପନିପରିବା ଖାଉଛନ୍ତି । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଯେତିକି ଭୟ ଓ ଆତଙ୍କ ଖେଳିଯାଉଛି, ସେତିକି ସେମାନଙ୍କୁ ଦେଖିବାକୁ ଅନେକଙ୍କ ପାଇଁ ରୋମାଞ୍ଚକର ଦୃଶ୍ୟ ପାଲଟିଛି।

କେନ୍ଦୁଝର ବନଖଣ୍ଡ ଅଞ୍ଚଳର ବୈତରଣୀ, ସମାକୋଇ, ନରଣପୁର, ଚମକପୁର, ନୟାକୋଟ, କାଳିକା ପ୍ରସାଦ, ଅଞ୍ଜାର, କଳାପାଟ, ଅଟେଇ, ବର୍ଦ୍ଧନ, ଠାକୁରାଣୀ, ସିଦ୍ଧମଠ, ବାରବାଙ୍କ, ବେଲଦା ଆଦି ଜଙ୍ଗଲାଞ୍ଚଳରେ ହାତୀମାନେ ଦଳ ଦଳ ହୋଇ ବୁଲୁଥିବା ଦେଖିବାକୁ ମିଳିଥାଏ। ହାତୀମାନଙ୍କୁ ଦେଖିବାକୁ ଅନେକ ସମୟରେ ଲୋକମାନଙ୍କ ଭିଡ଼ ଜମିଥାଏ । ସେଥିରେ ମଧ ଦନ୍ତା ଓ ଛୁଆ ହାତୀ ଅଛନ୍ତି । କେତେବେଳେ ହାତୀପଲଙ୍କ ଫସଲ ଖାଉଥିବା ଦୃଶ୍ୟ ତ କେତେବେଳେ ହାତୀମାନଙ୍କ ନଦୀନାଳରେ ସ୍ନାନ କରିବା ଦୃଶ୍ୟ ଅନେକଙ୍କୁ ବିମୋହିତ କରିଥାଏ । କେତେବେଳେ ଲମ୍ବାଧାଡ଼ିରେ ରାସ୍ତା ପାର ହେଉଥିବା ଦୃଶ୍ୟ ଦେଖିବାର ସୁଯୋଗ ହାତଛଡା କରିନଥାନ୍ତି ଲୋକେ।

ସତେଯେପରି ସମଗ୍ର ଜିଲା ହାତୀସଫାରି ପାଲଟିଛି । ବାହାରୁ ମଧ୍ୟ ବହୁ ଲୋକ ଖୋଲାଖୋଲି ବିଚରଣ କରୁଥିବା ହାତୀ ଦେଖିବାକୁ ଆସିଥା'ନ୍ତି । ଅନେକ ଦୂରରୁ ଫଟୋ ଉଠାଇ ଖୁସି ହୋଇଥା'ନ୍ତି ।

**ଶିମିଳିପାଳ–** ମୟୂରଭଞ୍ଜ ଜିଲାରେ ଶିମିଳିପାଳ ଅଭୟାରଣ୍ୟ ଅବସ୍ଥିତ। ଶିମିଳିପାଳକୁ ୨୭ ମେ' ୨୦୦୯ରେ ବିଶ୍ୱ ଐତିହ୍ୟ ମାନ୍ୟତା ମିଳିଛି। ବ୍ୟାଘ୍ର ସଂରକ୍ଷିତ କ୍ଷେତ୍ର ଶିମିଳିପାଳ ଏକ ଜୈବମଣ୍ଡଳ। ଏଠାରେ କଳାରଙ୍ଗର ବାଘ ଦେଖାଯାଆନ୍ତି। ଏଠାକାର ଜଳବାୟୁ ବିଭିନ୍ନ ପ୍ରଜାତିର ବାଘ ପାଇଁ ଉପଯୁକ୍ତ ବୋଲି କେତେକ ଗବେଷକ ମତ ଦିଅନ୍ତି। ଏହି ଅଭୟାରଣ୍ୟର ଆୟତନ ପ୍ରାୟ ୮୪୫.୭୦ବର୍ଗ କି.ମି। ଏହା ମଧ୍ୟରେ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ରହିଛି। ଶିମିଳିପାଳ ରାଜ୍ୟ ତଥା ଦେଶର ବୃହତ୍ ବିଷୁବ ମଣ୍ଡଳୀୟ ଜଙ୍ଗଲ। ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୧୧୬୫.୬ ମିଟର ଉଚ୍ଚରେ ଅବସ୍ଥିତ। ଏହି ଜାତୀୟ ଉଦ୍ୟାନରେ ମହାବଳ, କଲରାପତରିଆ ବାଘ, ଜଙ୍ଗଲୀ ବିରାଡ଼ି, ବଳିଆ କୁକୁର, ଗଧିଆ, ହାତୀ, ଶମ୍ବର, କୁଟୁରା, ହରିଣ, ଚୌସିଙ୍ଗା, ଗୟଳ, ଗୁରାଣ୍ଡି, ବାର୍‌ହା, ବଜ୍ରକାପ୍ତା, ଝିଙ୍କ, ପାହାଡ଼ି କଇଁଛ ଆଦି ବିଭିନ୍ନ ଜୀବଜନ୍ତୁ ଦେଖିବାକୁ ମିଳେ। ଏଠାରେ ୧୦୭୬ ପ୍ରଜାତିର ବୃକ୍ଷଲତା, ୧୦୨ ପ୍ରକାର ଅର୍କିଡ୍, ୬୦୪ ପ୍ରକାର ଔଷଧୀୟ ବୃକ୍ଷ, ୫୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୩୦୪ ପ୍ରଜାତିର ପକ୍ଷୀ, ୬୨ ପ୍ରକାର ସରୀସୃପ, ୨୦ ପ୍ରଜାତିର ଉଭୟଚର ପ୍ରାଣୀ ଓ ଅସଂଖ୍ୟ ପ୍ରଜାତିର କୀଟପତଙ୍ଗ ଦେଖିବାକୁ ମିଳନ୍ତି। ଓଡ଼ିଶାର ସର୍ବବୃହତ୍ ଜିଲା ମୟୂରଭଞ୍ଜର ଆୟତନ ୧୦,୪୧୮ ବର୍ଗ କିମି ହୋଇଥିବା ବେଳେ ସେଥିମଧ୍ୟରୁ ଶିମିଳିପାଳ ଜୈବ ମଣ୍ଡଳ ପାଇଁ ୫୫୬୯ ବର୍ଗକିମି ସଂରକ୍ଷିତ। ସେଥିରୁ ୨୨୭୧.୭୮ ବର୍ଗ କିମି ଶିମିଳିପାଳ ସଂରକ୍ଷିତ ଅଭୟାରଣ୍ୟ । ଏହା ସାରା ଦେଶରେ ସର୍ବବୃହତ୍ ସଂରକ୍ଷିତ ବନକ୍ଷେତ୍ର ଭାବେ ପରିଗଣିତ ହୋଇଥିବା ବେଳେ ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଜୈବ ମଣ୍ଡଳ ଭାବେ ପରିଚିତି ଲାଭ କରିଛି ।

**ତପ୍ତପାଣୀର ମୃଗ ବିହାର:** ଗଞ୍ଜାମ ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ସାନଖେମୁଣ୍ଡି ବ୍ଲକର ତପ୍ତପାଣି ଉଷ୍ମ ପ୍ରସ୍ରବଣ ଅନ୍ୟତମ। ବର୍ଷ ତମାମ ଗଞ୍ଜାମ, ଗଜପତି ସମେତ ଓଡ଼ିଶା ଓ ବାହାର ରାଜ୍ୟରୁ ମଧ ବହୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ଏଠିକାର ଅନ୍ୟ ଏକ ଆକର୍ଷଣୀୟ କେନ୍ଦ୍ର ହେଉଛି ବନବିଭାଗ ଦ୍ୱାରା ୧୯୮୬ ମସିହାରୁ ଏଠାରେ ଏକ ମୃଗ ବିହାର କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ଏହି ସଂରକ୍ଷଣ କେନ୍ଦ୍ରରେ ବର୍ତ୍ତମାନ ୧୦୬ ହରିଣ ଅଛନ୍ତି। ଏହାସହ ୫୪ଟି ଶମ୍ବର, ୪ଟି କୁଟୁରା, ଗୋଟିଏ ଚୌସିଙ୍ଗା, କୃଷ୍ଣସାର ମୃଗ ଓ ଗୋଟିଏ ଏମୁ ପକ୍ଷୀ ମଧ ଅଛି। ତପ୍ତପାଣି ବୁଲିବାକୁ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକ ଏହି ମୃଗ ସଂରକ୍ଷଣ କେନ୍ଦ୍ର ପରିଦର୍ଶନ କରିବା ସହ ପ୍ରକୃତି କୋଳରେ ଏହି ନିରୀହ ବିଲୁପ୍ତ ପ୍ରାୟ ପ୍ରାଣୀଙ୍କ ସହ କିଛି ସମୟ ବିତାଇବାକୁ ଭୁଲି ନଥା'ନ୍ତି ।

ଏହାଛଡା ଓଡ଼ିଶାରେ ଆହୁରି ବି ଅନେକ ଅଭୟାରଣ୍ୟ ରହିଛି। ଯେଉଁଠି ପର୍ଯ୍ୟଟକ ପ୍ରକୃତିର ସୌନ୍ଦର୍ଯ୍ୟ ଉପଯୋଗ କରିବା ସହ ବିରଳ ପଶୁପକ୍ଷୀମାନଙ୍କୁ ମଧ ଦେଖିପାରିବେ।

**– ବନବିହାରୀ ବେହେରା, ନରେଶ ପଟ୍ଟନାୟକ, କାର୍ତ୍ତିକ ସାହୁ, ଭାସ୍କର ରାଉତରାୟ, ନୀଳାଦ୍ରି ବିହାରୀ ଦଣ୍ଡପାଟ, ତନୁଶ୍ରୀ ନାହାକ**



# ଟ୍ରାଇ କଲର୍ ଲୁକ୍







* **ଟ୍ରାଇ କଲର୍ ଶାଢି:** ଏଭଳି ଏକ ବିଶେଷ ଦିନରେ ଟ୍ରାଇ୍ କଲର୍ ଥିମ୍‌ବାଲା ରେଡିମେଡ୍ ଶାଢି ପିନ୍ଧି ଅତି ସହଜରେ ଆକର୍ଷଣୀୟ ଲୁକ୍ ପାଇହେବ। ଯଦି ଆପଣଙ୍କର ଏଭଳି ଶାଢି ପିନ୍ଧିବା ପସନ୍ଦ ନୁହେଁ, ତା'ହେଲେ ଧଳା ରଙ୍ଗର ଶାଢି ସହ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ବ୍ଲାଉଜ୍‌କୁ ମ୍ୟାଚିଂ କରି ପିନ୍ଧି ଏହି ଅବସରରେ ଡିଫରେଣ୍ଟ ଲୁକ୍ ପାଇପାରିବେ।
* **ସାଲଓ୍ୱାର୍‌ରେ ଟ୍ରାଇ କଲର୍ ଲୁକ୍:** ଧଳା ରଙ୍ଗର ସାଲଓ୍ୱାର୍ ସାଙ୍ଗକୁ ଟ୍ରାଇ କଲର୍ ଥିମ୍ ବାଲା ଦୁପଟ୍ଟା ବା ଚୁନି ପକାଇ ବି ଆରାମରେ ଟ୍ରାଇ କଲର୍ ଲୁକ୍ ପାଇହେବ। ଯଦି ଟ୍ରାଇ କଲର୍ ଦୁପଟ୍ଟା ଆପଣଙ୍କର ପସନ୍ଦ ନୁହେଁ ତା'ହେଲେ ଧଳା ରଙ୍ଗର ସାଲଓ୍ୱାର୍ ଉପରେ କେବଳ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ଦୁପଟ୍ଟା ବି ପକାଇ ପାଇପାରିବେ।
* **ଟ୍ରାଇ କଲର୍ ଆସେସରିଜ୍:** ଶାଢି ହେଉ ଅବା ସାଲଓ୍ୱାର୍ ଶୁଟ୍ ସହିତ ଯଦି ମ୍ୟାଚିଂ କରି ଚୁଡ଼ି, ଇୟର ରିଂ ଓ ବିନ୍ଦି ପିନ୍ଧାଯାଏ ତା'ହେଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ବିଶେଷକରି ସାଧାରଣତନ୍ତ୍ର ଦିବସ ଭଳି ଖାସ୍ ଦିନରେ ଯଦି ଟ୍ରାଇ କଲର୍ ଥିମ୍ ବାଲା ଫ୍ୟାଶନ ଆସେସରିଜ୍‌କୁ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧାଯାଏ, ତା'ହେଲେ ତ ଟ୍ରାଇ କଲର୍ ଲୁକ୍ ବେଶ୍ ଆରାମରେ ମିଳିଯାଏ।
* **ଟ୍ରାଇ କଲର୍ ନେଲ୍‌ଆର୍ଟ:** ଟ୍ରାଇ କଲର୍ ନେଲ୍‌ଆର୍ଟର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। ବିଶେଷକରି ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଷ୍ଟ୍ରାଇପ୍, ଭର୍ଟିକାଲ୍, ହରାଇଜଣ୍ଟାଲ୍, ଫ୍ଲୋରାଲ୍, ଡଟେଡ୍, ନେଚର୍ ଥିମ୍‌ବାଲା ଟ୍ରାଇ କଲର୍ ନେଲ୍ ଆର୍ଟ ଯୁବତୀଙ୍କୁ ଭିନ୍ନ ଲୁକ୍ ଦେଇଥାଏ।
* **ମେକ୍‌ଅପ୍‌ରେ ଦେଶୀ ଲୁକ୍:** ଏଭଳି ଏକ ବିଶେଷ ଦିନରେ ଟିକେ ଡିଫରେଣ୍ଟ ଲୁକ୍ ପାଇବା ପାଇଁ ଯୁବତୀମାନେ ଚାହିଁଲେ ଜାତୀୟ ପତାକାର ରଙ୍ଗକୁ ମ୍ୟାଚ୍ କଲା ଭଳି ଆଖିରେ ଟ୍ରାଇ କଲର୍‌ର ଆଇଶାଡୋ ଲଗାଇପାରିବେ। ନଚେତ୍ ଗାଲରେ ଟ୍ରାଇ କଲର୍‌ର ଆର୍ଟିଫିସିଆଲ୍ ଷ୍ଟିକର୍ ଟାଟୁ ବି ଲଗାଇପାରିବେ। କେଶକୁ ବି ଚାହିଁଲେ ଟ୍ରାଇ କଲର୍ କରି ଭିନ୍ନ ଲୁକ୍ ପାଇପାରିବେ।
* **ଘରର ସାଜସଜ୍ଜାରେ ଟ୍ରାଇ କଲର୍:** କେବଳ ନିଜକୁ ନୁହେଁ ଏହିଦିନ ଘରକୁ ବି ଟ୍ରାଇ କଲର୍ ଥିମ୍‌ରେ ସଜାଇ ଭିନ୍ନ ଲୁକ୍ ଦେଇପାରିବେ। ଯେମିତିକି, ତ୍ରିରଙ୍ଗାର ତିନୋଟି ରଙ୍ଗକୁ ମ୍ୟାଚ୍ କଲା ଭଳି ବେଲୁନ୍ କିଣି ଘରକୁ ସଜାଇପାରିବେ। ନଚେତ୍ ତ୍ରିରଙ୍ଗାର ତିନି ରଙ୍ଗକୁ ମ୍ୟାଚ୍ କଲା ଭଳି ରଙ୍ଗୀନ କାଗଜକୁ ବିଭିନ୍ନ ଡିଜାଇନ୍‌ର ଫୁଲ ହେଉ ଅବା ପ୍ରଜାପତି ଶେପ୍‌ରେ କାଟି ତାହାକୁ କାନ୍ଥରେ ଟାଙ୍ଗି ମଧ୍ୟ ଘରକୁ ଭିନ୍ନ ଲୁକ୍ ଦେଇପାରିବେ। ଘରର କାନ୍ଥ ହେଉ ଅବା ପିଲାଙ୍କ ଷ୍ଟଡି ଟେବୁଲ୍‌ରେ ଛୋଟ ଛୋଟ ତ୍ରିରଙ୍ଗା ଲଗାଇ ବି ଘରକୁ ଭିନ୍ନ ଲୁକ୍ ଦେଇହେବ। ବେଡ୍‌ରୁମ୍‌ର ସାଜସଜ୍ଜା ପାଇଁ ଆପଣ ଚାହିଁଲେ ନାରଙ୍ଗୀ, ଧଳା ତଥା ସବୁଜ ରଙ୍ଗର ଡୋର୍ ସ୍କ୍ରିନ୍ ଲଗାଇ ରୁମ୍‌କୁ ଡେକୋରେଟ୍ କରିପାରିବେ।

**ସାଧାରଣତନ୍ତ୍ର ଦିବସ ଅବସରରେ ନିଜେ ଓ ନିଜ ଘରକୁ ଦିଅନ୍ତୁ ଟ୍ରାଇ କଲର୍ ଲୁକ୍...**



ସେହିପରି ସୋଫା ହେଉ ଅବା କୁସନ୍‌ରେ ତ୍ରିରଙ୍ଗା ରଙ୍ଗକୁ ମ୍ୟାଚ୍ କଲା ଭଳି ଭିନ୍ନ ଭିନ୍ନ ରଙ୍ଗର କଭର୍ କିଣି ଭିନ୍ନ ଲୁକ୍ ଦେଇପାରିବେ। ଆପଣ ଚାହିଁଲେ ଟ୍ରାଇ କଲର୍ ଥିମ୍‌ର ଫୁଲକୁଣ୍ଡ ଆଣି ତାହାକୁ ଫୁଲ ଦ୍ୱାରା ସଜାଇ ପାରିବେ ନଚେତ୍ ସେଥିରେ କିଛିଟା ଇଣ୍ଡୋର ପ୍ଲାଣ୍ଟ ବି ଲଗାଇ ଘରକୁ ଭିନ୍ନ ଲୁକ୍ ଦେଇପାରିବେ। ଏସବୁବାଦ୍ ରଙ୍ଗୋଲୀ ଦ୍ୱାରା ବି ସାଧାରଣତନ୍ତ୍ର ଦିବସରେ ଘରକୁ ଆକର୍ଷଣୀୟ ଲୁକ୍ ଦେଇହେବ। ଟ୍ରାଇ କଲର୍ ଥିମ୍‌ରେ ଘରର ବିଭିନ୍ନ ସ୍ଥାନରେ ଖୁବ୍ ସୁନ୍ଦର ସୁନ୍ଦର ଝୋଟି କରି ଘରକୁ ସୁନ୍ଦର ଭାବେ ସଜାଇ ପାରିବେ।













ସୁମି

# ଗାଁକୁ କରିବେ ଆଲୋକିତ

**ଭାରତ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ବିତି ଯାଇଥିଲେ ହେଁ ଏବେବି ମୟୁରଭଞ୍ଜର କିଛି ଗାଁ ଅଛି, ଯେଉଁଠି ବିଦ୍ୟୁତ ସେବା କେବଳ ନାମକୁ ମାତ୍ର। ମାସ ମାସ ଧରି ବିଦ୍ୟୁତ କାଟ୍ ହୋଇ ଗାଁ ରହୁଛି ଅନ୍ଧକାର ଭିତରେ। ହେଲେ ପ୍ରଶାସନ ନେଉ ନାହିଁ କୌଣସି ପଦକ୍ଷେପ। ଶେଷରେ ଏଠାକାର ଦୁଇ ଝିଅ ସୁମି ଗଡସେରା ଏବଂ ତୁଳସୀ ଗିଲୁଆ ଅଣ୍ଟା ଭିଡିଛନ୍ତି ନିଜ ଗାଁ ସହ ଆଖପାଖ ଗାଁର ଅନ୍ଧକାରକୁ ଦୂର କରିବା ପାଇଁ...**

ଭାରତ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ବିତି ଯାଇଥିଲେ ହେଁ ଏବେବି କିଛି ଗାଁ ଅଛି, ଯେଉଁଠି ଦେଖିବାକୁ ମିଳୁନି ବିକାଶର କୌଣସି ଛାପ। ନା ସେଠାକାର ଅଧିବାସୀ ପାଉଛନ୍ତି କୌଣସି ମୌଳିକ ସୁବିଧା, ନା ସେଠି ପହଞ୍ଚି ପାରିଛି ବିଦ୍ୟୁତ୍ ସେବା। ଯଦି ବି କିଛି ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଅଛି ହେଲେ ମାସ ମାସ ଧରି ବିଦ୍ୟୁତ କାଟ୍ ହୋଇ ଗାଁ ରହୁଛି ଅନ୍ଧକାର ଭିତରେ। ବର୍ଷ ବର୍ଷ ଧରି ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ମୟୁରଭଞ୍ଜ ଜିଲାର ଅନେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ହେଲେ ପ୍ରଶାସନ ନେଇ ନାହିଁ କୌଣସି ପଦକ୍ଷେପ। ଶେଷରେ ଏଠାକାର ଦୁଇ ଆଦିବାସୀ ଝିଅ ସୁମି ଗଡସେରା ଏବଂ ତୁଳସୀ ଗିଲୁଆ ଅଣ୍ଟା ଭିଡିଛନ୍ତି ନିଜ ଗାଁ ସହ ଆଖପାଖ ଗାଁର ଅନ୍ଧକାରକୁ ଦୂର କରିବା ପାଇଁ। ଆଉ ଦୁହେଁ ଯୋଗ ଦେଇଛନ୍ତି ହର୍ମାଡା ଗାଁରେ ଥିବା ବେର୍‌ଫୁଟ କଲେଜ ଇଣ୍ଟରନ୍ୟାଶନାଲରେ। ଯାହାର ମୁଖ୍ୟ କାର୍ଯ୍ୟାଳୟ ରାଜସ୍ଥାନ, ଆଜମେର ଜିଲାର କିଶନଗଡ ତହସିଲରେ ଅଛି। ଏହିଠାରୁ ଦୁଇ ଆଦିବାସୀ ଝିଅ ସୋଲାର୍ ଇଞ୍ଜିନିୟରିଂର ତାଲିମ ନେଉଛନ୍ତି। ଆଉ ତାଲିମ ସରିବା ପରେ ସୌର ଶକ୍ତିକୁ ବ୍ୟବହାର କରି ଗାଁକୁ ଆଲୋକିତ କରିବାର ଆଶା ରଖିଛନ୍ତି।

୨୨ ବର୍ଷୀୟା ସୁମି ଗଡସରାଙ୍କ ଘର ଦିଲେଶ୍ୱର ଗାଁରେ। ମା' ବହୁ କଷ୍ଟ କରି ପରିବାର ଚଳାନ୍ତି। ତେଣୁ ମା'ଙ୍କୁ ସାହାଯ୍ୟ କରିବା ଲାଗି ଯୁକ୍ତ ଦୁଇ ପର୍ଯ୍ୟନ୍ତ ପଢିଥିବା ସୁମି ଡିଜିଟାଲ କମ୍ୟୁନିଟି ସ୍କୁଲରେ ପଢାଉଥିଲେ। ହେଲେ ମନରେ ତାଙ୍କର ସବୁବେଳେ ନିଜ ପରିବାର ସହ ନିଜ ଅଞ୍ଚଳରେ ଥିବା ବହୁ ବର୍ଷର ବିଦ୍ୟୁତ ସମସ୍ୟାକୁ ଦୂର କରିବାର ଇଚ୍ଛା ଥିଲା। ସୁମି କୁହନ୍ତି, 'ଆମ ଗାଁରେ ବିଦ୍ୟୁତ ସେବା ଥିଲେ ମଧ୍ୟ ମାସ ମାସ ଧରି ବିଦ୍ୟୁତ୍ କାଟ ହୁଏ। ଏହାବାଦ ଆମ ପାଖ ଗାଁରେ ତ ଆଦୌ ବିଦ୍ୟୁତ ସେବା ନାହିଁ। ସେଥିପାଇଁ ସବୁବେଳେ ଭାବୁଥିଲି କେମିତି ଗାଁକୁ ଆଲୋକିତ କରିହେବ। ଏହି କାରଣରୁ ବେର୍‌ଫୁଟ କଲେଜ୍ ଇଣ୍ଟରନ୍ୟାଶନାଲ(ବିସିଆଇ)ରେ ଯୋଗ ଦେଲି। ଏବେ ମୁଁ ଏଠି ସୋଲାର ଇଞ୍ଜିନିୟରିଂରେ ତାଲିମ ନେଉଛି। ପ୍ରଥମେ ତ ସୋଲାର ଲାଇଟ୍‌କୁ ହାତରେ ଧରିବାକୁ ଡରୁଥିଲି, ହେଲେ ଏବେ ବିଭିନ୍ନ ବୈଦ୍ୟୁତିକ ଉପକରଣ ବ୍ୟବହାର କରି ନିଜେ ବିନ୍ଦି ଟର୍ଚ୍ଚ ଲାଇଟ୍, ଡିଭା ଲାଣ୍ଟର୍ନ, ସହ ସୋଲାର ଲାଇଟ୍ ତିଆରି କରିପାରୁଛି। ସୋଲାର ହୋମ ଲାଇଟିଂ ସିଷ୍ଟମ୍ ବି ଶିଖିଗଲିଣି।

ସେହିଭଳି ବିଷ୍ଣୁ ଗାଁର ୨୧ ବର୍ଷୀୟା ତୁଳସୀ ଗିଲୁଆ ବି ଘରୁ ଗୋଡ କାଢି ବିସିଆଇ ତାଲିମ ସେଣ୍ଟରରେ ଯୋଗ ଦେଇଛନ୍ତି। ସେ ବି ବିଭିନ୍ନ ପ୍ରକାର ସୋଲାର ଟର୍ଚ ଲାଇଟ୍ ତିଆରି କରିବା ଶିଖିଗଲେଣି। ତୁଳସୀ କୁହନ୍ତି, ସୋଲାର୍ ଲାଇଟ୍‌କୁ ନିଜ ହାତରେ ତିଆରି କଲାପରେ ଯେତେବେଳେ ତାହା ଜଳୁଛି, ଏତେ ଖୁସି ଲାଗୁଛି ଯେ ତାକୁ ଭାଷାରେ ବ୍ୟକ୍ତ କରି ହେବନି। ଆମେ କେବଳ ଏଠି ସୋଲାର୍ ଲାଇଟ୍ ତିଆରି ଶୁଖୁ ନାହୁଁ, ଆମକୁ ଏନରିଚ୍ ଟ୍ରେନିଂ ବି ଦିଆଯାଉଛି। ଯଦ୍ୱାରା ଆମର କମ୍ୟୁନିକେସନ୍ ସ୍କିଲ ବୃଦ୍ଧି ପାଉଛି। ଏହାବାଦ ସ୍ମାର୍ଟଫୋନ୍‌ର ବିଭିନ୍ନ ଫିଚର୍ ବାବଦରେ ଶିକ୍ଷା ଦିଆଯାଉଛି। ମୋବାଇଲ୍ ବ୍ୟାଙ୍କିଂ କିଭଳି କରାଯାଏ ଶିଖାଯିବା ସହ ଗଣିତ ଶିକ୍ଷା ମଧ୍ୟ ଦିଆଉଛି। ଫଳରେ ଆମର ଆତ୍ମବିଶ୍ୱାସ ବହୁତ ବଢି ଯାଇଛି।' ସୁମି କୁହନ୍ତି, 'ତାଲିମ ପରେ ସଂସ୍ଥା ତରଫରୁ ଆମ ଦୁହିଁଙ୍କୁ ୫୦-୫୦ ଘରେ ସୋଲାର୍ ଲାଇଟ୍ ବ୍ୟବସ୍ଥା କରିବାକୁ ସାମଗ୍ରୀ ଯୋଗାଇ ଦିଆଯିବ। ଯାହାକୁ ବ୍ୟବହାର କରି ଆମେ ଆମ ଗାଁର ଅନ୍ଧକାରକୁ ଦୂର କରିବୁ। ଏହାବାଦ୍ ଆମେ ନିଜର ବ୍ୟବସାୟ ମଧ୍ୟ ଆରମ୍ଭ କରିବୁ। ଏଥିପାଇଁ ଆବଶ୍ୟକୀୟ ସାମଗ୍ରୀକୁ ଆମେ ବିସିଆଇର ଏକ ସ୍ୱତନ୍ତ୍ର ଆପ ସାହାଯ୍ୟରେ କିଭଳି ମଗାଇ ପାରିବୁ ସେ ନେଇ ତାଲିମ ନେଇଛୁ। ସୁଲଭ୍ ମୂଲ୍ୟରେ ବୈଦ୍ୟୁତିକ ଉପକରଣ ଆଣି ସୋଲାର୍ ଲାଇଟ୍ ତିଆରି କରି ଗାଁ ଲୋକଙ୍କୁ ଆମେ କମ୍ ମୂଲ୍ୟରେ ଯୋଗାଇବାର ଲକ୍ଷ୍ୟ ରଖିଛୁ। ଗାଁ ଲୋକଙ୍କୁ ବି ବିସିଆଇ ତରଫରୁ ମିଟିଂ କରି ସୋଲାର୍ ଲାଇଟ୍ ସମ୍ପର୍କରେ ଅନେକ କଥା ବୁଝାଯାଇଛି। ତେଣୁ ସେମାନେ ବି ଏହି ଲାଇଟ୍‌ର ବ୍ୟବହାର କରିବା ଲାଗି ଆଗ୍ରହୀ ଅଛନ୍ତି। ଆଶା ରଖିଛୁ ଆମେ ନେଇଥିବା ତାଲିମ ଆମ ଗାଁ ଓ ଆଖପାଖ ଗାଁର ଅନ୍ଧକାର ଦୂର କରିପାରିବ। ଆମେ ଗାଁ ମହିଳାଙ୍କୁ ସୋଲାର୍ ଲାଇଟ୍ ତିଆରି ସମ୍ପର୍କରେ ତାଲିମ ଦେବାର ବି ଲକ୍ଷ୍ୟ ରଖିଛୁ। ଯଦ୍ୱାରା ଅଧିକରୁ ଅଧିକ ମହିଳା ସୋଲାର୍ ଲାଇଟ୍ ତିଆରି ଶିଖିବା ସହ ତାକୁ ନେଇ ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇପାରିବେ।'



ତୁଳସୀ



**-ସ୍ୱପ୍ନା ସରିତା ମହାନ୍ତି**
*କମ୍ୟୁନିକେସନ୍ ଇଣ୍ଡିଆ ହେଡ୍, ବେୟାରଫୁଟ୍ କଲେଜ୍ ଇଣ୍ଟରନ୍ୟାଶନାଲ ଆଣ୍ଡ ଜର୍ନାଲିଷ୍ଟ*
*swapna.mohanty@barefootcollege.org*







# କାପା

–ପୂର୍ଣ୍ଣିମା ଲେଙ୍କା

କାଲି ସନ୍ଧ୍ୟାରେ ଭେଟିଥିଲି ଦେବତାକୁ
ମୋ କୁଡ଼ିଆରେ, ମୋ ମାଟି ପିଣ୍ଡା କଡ଼ରେ !!
ଶୁଣୁଥିଲି ତା' ଜୀବନ ଦର୍ଶନ
କେମିତି ଆନନ୍ଦ ମିଳେ ଅନ୍ୟ ହସରେ !!
କେମିତି ସର୍ବସୁଖ ମିଳେ ପିଲାଙ୍କ ଗହଳିରେ
ବୁଝେଇ ଦେଇ କୁହେ,
କେମିତି ଥକି ପଡ଼ିନି ପାଦ ଯୋଡ଼ିକ
ପଞ୍ଚାବନ ବର୍ଷର ସଂଘର୍ଷ ପରେ !!
ଲୁ ଅଛି ସାରା ଜୀବନଟା ବାଣ୍ଟି ଦେବାକୁ ପରିବାର
ଖୁସିରେ
ଯିଏ କେବେ ବ୍ୟକ୍ତ କରିପାରେନି ତା' ପ୍ରେମ
ଅନ୍ୟ ପାଖରେ ।
ଆଜି ବି ନଇଁ ନାହିଁ ସେ ମେରୁଦଣ୍ଡ
ପାଞ୍ଚପ୍ରାଣୀ କୁଟୁମ୍ବର ବୋଝରେ ।
ସିଏ ବି ଦିନେ ରାଜା ପୁଅ ଥିଲା !!




ସିଏ ବି ଦିନେ ରାଜା ପୁଅ ଥିଲା,
ତା' ବାପାଙ୍କ ନଜରରେ
ଆଜି ଯିଏ ଚୌକିଦାର ସାଜିଛି
ପରିବାରକୁ ସୁରକ୍ଷା ଦେବାରେ ।

ତତ୍ପର ପହରୀ ସିଏ, ସୁରକ୍ଷା ଦେବାରେ
କାଳେ କିଏ ଝିଙ୍କି ନେବ ପାଦ ତଳ ମାଟି
ଦୁର୍ବଳ ମୁହୂର୍ତ୍ତରେ !!
ମୁହଁ ଖୋଲି କୁହେନି ତାକୁ ବି ଭୟ ମାଡ଼େ
କିଛି କିଛି ମୁହୂର୍ତ୍ତରେ !!
କଳୁଷିତ ସମାଜର ଛିଟା କାଳେ ପଡ଼ି ଯିବ ତା'
ବସାରେ,
ଚଟାଣ ପରି ଛିଡ଼ା ହେଇଚି ସେ ପରିବାର
ସୁରକ୍ଷାରେ ।
ବେଳେ ବେଳେ ଝାଡ଼ି ଦିଏ ଛାତିର ବୋଝ
ମନର କୋହ, ମୁଣ୍ଡର ଚିନ୍ତା
ତା' ଚିର ସାଥୀ ପଚାଶ ଟଙ୍କା ଗାମୁଛାରେ !
ଯାହା ବ୍ୟକ୍ତ କରେ,
କେତେ ଲହୁ କେତେ ଲୁହ ପୋଛିଚି
ମଣିଷକୁ ଦେବତାର ଆଖ୍ୟା ଦେବା
ଦ୍ୱାହିରେ !!!

*–ଅଟୋପୁର, କେନ୍ଦୁଝର*
*ମୋ: ୭୦୦୮୨୦୭୮୪୪*

# ଭିକାରୀ



–ସୁନିତା ପ୍ରଧାନ

ସେ ବସିଥିଲା ମନ୍ଦିର ପାହାଚରେ । ଦେହରେ ଛିଣ୍ଡା, ମସିଆ ସାର୍ଟ ଖଣ୍ଡେ । ନୁଖୁରା କେଶ ସବୁ ଜଟ ପଡ଼ି ବର ଓହଳ ଭଳି ଓହଳିଥିଲା କାନ୍ଧ ଯାଏ । କୋଉ କାଳୁ ମୁଣ୍ଡରେ ପାଣିଆ ବାଜିନି ବୋଧେ । ମୁହଁ ସାରା ଘଞ୍ଚଜଙ୍ଗଲ ଭଳି ଦାଢ଼ି ଭର୍ତ୍ତି । ଲୋଚାକୋଚା ଚମ ସୂଚେଇ ଦେଉଚି ବୟସର ସାୟାହ୍ନକୁ ।

ସେଇ ବାଟ ଦେଇ ଯିବା ଆସିବା ଲୋକକୁ ଦେଖି ସେ ପାଟି କରି କହୁଥିଲା, ''ଏ ମାଆ । ଏ ବାବୁ । କିଛି ଦୟାକର ଏ ଭିକାରୀକୁ ।

–ମୋତେ ଦେଖି ହାତ ପତେଇ କହିଲା ବାବୁ......

–ତା ଆଡ଼କୁ ତାଛଲ୍ୟ ହସଟେ ଫିଙ୍ଗି ଶ୍ରୀମତିଙ୍କ ଆଡ଼କୁ ଚାହିଁ କହିଲି ''ଏମାନଙ୍କୁ ଭିକ ମାଗିବାକୁ କିଛି ଖରାପ ଲାଗୁନି ବୋଧେ । ଯେତେବେଳେ ଯାହାକୁ ଦେଖ ହାତ ପତେଇ ଦେଉଛନ୍ତି । ଭିକାରୀ କୋଉଠିକାର'' ।

ନିଜ ଭ୍ୟାନିଟି ବ୍ୟାଗରୁ ପାଞ୍ଚ ଟଙ୍କିଆ କଏନଟି କାଢି ସେ ଭିକାରୀ ହାତକୁ ବଢେଇ ଦେଉ ଦେଉ ଶ୍ରୀମତୀ କହିଲେ, ''ଏଇଠି ଆମେ ସଭିଏଁ ଭିକାରୀ । କାହାର କେତେବେଳେ କ'ଣ ଆବଶ୍ୟକତା ପଡ଼େ ସେ ଆଉ କାହା ଆଗରେ ହାତ ପତାଏ ସେକଥା ନିଜ ଛଡ଼ା ଆଉ କେହି ଜାଣି ପାରନ୍ତି ନାହିଁ ।''

ଏଇ ଦେଖ ଆମ ଦୁହିଁଙ୍କ କଥା । ବର୍ତ୍ତମାନ ଆମେ ଦୁହେଁ ମଧ୍ୟ ଭିକ ମାଗିବା ପାଇଁ ଆସିଛେ ।

ଶ୍ରୀମତିଙ୍କୁ ଅବୁଝା ଆଖିରେ ଚାହିଁବାରୁ ସେ କହିଲେ, ''ମୁଁ ମୋ ଶଙ୍ଖା ସିନ୍ଦୂର, ଛୁଆମାନଙ୍କ ମଙ୍ଗଳ ପାଇଁ କାନି ପତେଇ ସଦାବେଳେ ଠାକୁରଙ୍କୁ ଭିକ ମାଗୁଛି । ଆଉ ତୁମେ ଆମ ସମସ୍ତଙ୍କୁ ଭଲରେ ରଖିବା ପାଇଁ, ତୁମର ପ୍ରମୋସନ ପାଇଁ, ଘରର ଉନ୍ନତି ପାଇଁ ନିତି ହାତ ପତାଉଚ, ମୁଣ୍ଡ ନୁଆଁଉଚ ସେଇ ଠାକୁରଙ୍କ ପାଖରେ । ଏ ଦୁନିଆରେ ଜଣକ ବ୍ୟତୀତ ଆଉ ସଭିଏଁ ଭିକାରୀ ।

ଏବେ କୁହ ଆମେ ସଭିଏଁ ଭିକାରୀ କି ନୁହଁ ? ? ?

ଶ୍ରୀମତୀଙ୍କ ବଳିଷ୍ଠ ଯୁକ୍ତି ଆଗରେ ମୁଁ ହାର ମାନି ସେଇ ନୀଳଚକ୍ର ବାନାକୁ ଚାହିଁ କହୁଥିଲି ତୁଚ୍ଛାଟାରେ ଆମେ ସିନା ଗର୍ବ କରୁ । ପ୍ରକୃତରେ , ''ତୁ ଏକା ଦାତା । ଆମେ ସବୁ ଭିକାରୀ ।''

*–ଲକ୍ଷ୍ମୀପୁର,କୋରାପୁଟ*
*ମୋ: ୭୭୪୯୮୫୦୫୭୫*





# ପୂରଣ ହେଲାନି ଆଶା

ପ୍ରିୟଙ୍କା ଚୋପ୍ରାଙ୍କର ଏକ ଆଶା ଅପୂରଣ ହୋଇ ରହିଯାଇଛି। ଏବେ ବି ସେକଥାକୁ ଭୁଲିପାରୁନାହାନ୍ତି ସେ। କଥା କ'ଣ କି ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ସେ ଆଶା କରିଥିଲେ ଯେ ଭବିଷ୍ୟତରେ ଜଣେ ଏରୋନେଟିକ୍ ଇଞ୍ଜିନିୟର ହେବେ। ହେଲେ ତାଙ୍କର ଏହି ଆଶା କେବଳ ଆଶାରେ ହିଁ ରହିଗଲା। ପରବର୍ତ୍ତୀ ସମୟରେ ସେ ଅଭିନୟକୁ ପେଶା ଭାବରେ ଆଦରି ନେଇଥିଲେ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ବଡ ପରଦାରେ ମୁହଁ ଦେଖାଇ ସାରିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଥାମିଜାନ୍' (ତାମିଲ)। ୨୦୦୩ରେ 'ଦ ହୀରୋ : ଲଭ ଷ୍ଟୋରି ଅଫ ଏ ସ୍ପାଏ'ରୁ ଆରମ୍ଭ ହୋଇଥିଲା ତାଙ୍କର ହିନ୍ଦୀ ସିନେମା କ୍ୟାରିୟର। ପରବର୍ତ୍ତୀ ସମୟରେ ସେ 'ପର୍ପଲ ପିବେଲ ପିକ୍ଚର୍ସ' ନାମକ ଏକ ସଂସ୍ଥା ଗଠନ କରିଥିଲେ। ପ୍ରାନ୍ତୀୟ ଭାଷାରେ ସିନେମା ନିର୍ମାଣକୁ ଏହି ସଂସ୍ଥାରେ ଗୁରୁତ୍ୱ ଦିଆଯାଉଥିଲା। ସେହି ସମୟରେ ଏହି ବ୍ୟାନରରେ ବିଭିନ୍ନ ଭାଷାରେ ୧୧ଟି ସିନେମା ନିର୍ମାଣ କରାଯାଇଥିଲା। ପ୍ରିୟଙ୍କାଙ୍କ ସବୁଠାରୁ ପ୍ରିୟ ଗୀତ କିଏ ଜାଣନ୍ତି ? ସୁପରହିଟ୍ ଫିଲ୍ମ 'ଦିଲୱାଲେ ଦୁଲହନିୟାଁ ଲେ ଜାୟେଙ୍ଗେ'ର 'ମେରି ଖାବୋଁ ମେଁ ଜୋ ଆୟେ'। ସେତେବେଳେ ସେ ସ୍କୁଲ ଯିବା ପୂର୍ବରୁ ମିରର ସାମନାରେ ଠିଆ ହୋଇ କାଜଲଙ୍କ ପରି ନାଚୁଥିଲେ। ତାଙ୍କ ଜୀବନରେ ଆଉ ଏକ ଖାସ୍ କଥା ରହିଛି। ସେ ଜଣେ ଭଲ ଲେଖିକା। ବିଭିନ୍ନ ଇଂରାଜୀ ଖବରକାଗଜରେ ତାଙ୍କର ପ୍ରାୟ ୫୦ଟି ଲେଖା ପ୍ରକାଶିତ ହୋଇସାରିଛି।



ପ୍ରିୟଙ୍କା

# ଦୋଛକିରେ ନୁସରତ

ନୁସରତ ଭରୁଚାଙ୍କ ଟେନସନ୍ ଏବେ ବଢ଼ିଯାଇଛି। ଅସଲ କଥା ହେଲା ଏକ ସିକ୍ୱେନ୍ସକୁ ନେଇ ତାଙ୍କ ମନରେ ଭୟ ସୃଷ୍ଟି ହୋଇଛି। ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କର ଅନଟାଇଟଲଡ ଫିଲ୍ମ ପାଇଁ ତାଙ୍କୁ ସାଇନ୍ କରାଇବାକୁ ଯାଇଥିଲେ। ଆଲୋଚନା ସମୟରେ ସେ ଯେତେବେଳେ ଜାଣିଲେ ଯେ ଏହି ଫିଲ୍ମରେ ତାଙ୍କୁ କୋଡୋଟି ଲିପ୍-ଲକ୍ ଶଟ୍ ଦେବାକୁ ପଡିବ ସେତେବେଳେ ତାଙ୍କର ଅକଲ ଗୁଡୁମ ହୋଇଯାଇଥିଲା। ଯଦିଓ ଏହି ଫିଲ୍ମରେ ଆକ୍ଟିଂ କରିବାକୁ ସେ ରାଜି ହୋଇଛନ୍ତି, ହେଲେ କିସ୍ ଶଟ୍ ପାଇଁ ସେ ଅଡୁଆରେ ପଡିଯାଇଛନ୍ତି। ଏ ନେଇ ନୁସରତ କହନ୍ତି, 'ଯେତେବେଳେ ମୁଁ ଜାଣିଲି ଯେ, ଏଥିରେ ମୋତେ କେତୋଟି କିସ୍ ଶଟ୍ ଦେବାକୁ ପଡିବ, ତାକୁ ନେଇ ମୁଁ ଅଡୁଆରେ ପଡିଯାଇଥିଲି। ହେଲେ ଅନ୍ୟ ଦୃଷ୍ଟିରେ ଦେଖିଲେ ଏଭଳି ସିନ୍‌ର କାହାଣୀ ସହ ସଂଯୋଗ ରହୁଛି। ତେଣୁ କଥାଟି ମୋ ପାଇଁ ବର୍ତ୍ତମାନ 'ଏଣୁ ମାରିଲେ ଗୋ ହତ୍ୟା, ତେଣୁ ମାରିଲେ ବ୍ରହ୍ମ ହତ୍ୟା' ପରି ହୋଇଛି। ତଥାପି ଏଭଳି ଶଟ୍ ପାଇଁ ମାଇଣ୍ଡ ମେକ୍‌ଅପ୍ କରିବାକୁ ମୋତେ ପ୍ରଯୋଜକ ଦୁଇ ସପ୍ତାହ ସମୟ ଦେଇଛନ୍ତି।' ଏପରି ଶଟ୍ ପାଇଁ ନୁସରତ କି ନିଷ୍ପତ୍ତି ନେଉଛନ୍ତି ତାହା ଜାଣିବାକୁ ବାକି ରହିଲା।



ନୁସରତ




କଙ୍ଗନା

# ଅଧା ରହିଗଲା ସ୍ୱପ୍ନ

କଙ୍ଗନା ରାଣାଓ୍ୱତ ଯେତେବେଳେ ପାଠ ପଢୁଥିଲେ ସେତେବେଳେ ତାଙ୍କର ମନ ଗୋଟିଏ ଦିଗକୁ ଢଳିଥିଲା। ଷ୍ଟୁଡେଣ୍ଟ କ୍ୟାରିୟର ଶେଷ ହେବା ପରେ ସେ ଡାକ୍ତର ହେବାକୁ ସ୍ଥିର କରିଥିଲେ। ଏପରି କି ଏଥିପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ। ହେଲେ ଅଧାବାଟରେ ସେ ନିଜ ଚିନ୍ତାଧାରାରେ ପରିବର୍ତ୍ତନ ଆଣିଥିଲେ। ଏ ସମ୍ପର୍କରେ କଙ୍ଗନା କହନ୍ତି, 'ପାଠ ପଢ଼ିବା ସମୟରେ ଡାକ୍ତର ହେବାକୁ ଇଚ୍ଛା ହେଲା, ସେଥିପାଇଁ ପ୍ରସ୍ତୁତ ହେଲି। କିନ୍ତୁ ମଝିରେ ପୁଣି ମନ ବଦଳି ଗଲା। ଆଉ ତା'ପରେ ଅଭିନୟକୁ ଆପଣେଇ ନେଲି। ମାତ୍ର ୧୬ ବର୍ଷ ବୟସରେ ଆତ୍ମନିର୍ଭରଶୀଳ ହେବାକୁ ପରିବାର ଛାଡି ଦିଲ୍ଲୀ ଚାଲି ଆସିଥିଲି। ପ୍ରଥମେ ମଡେଲିଂ କରିବା ପରେ ଅସ୍ମିତା ଥିଏଟର ଗ୍ରୁପ୍‌ରେ ଯୋଗ ଦେଇଥିଲି।' କଙ୍ଗନାଙ୍କ ପ୍ରଥମ ହିନ୍ଦୀ ସିନେମା ଥିଲା 'ଗ୍ୟାଙ୍ଗଷ୍ଟର'। ଏହି ଫିଲ୍ମରେ ଅଭିନୟ କରିବା ବେଳକୁ ତାଙ୍କର ବୟସ କେତେ ହୋଇଥିଲା ଜାଣନ୍ତି ? ମାତ୍ର ୧୯ ବର୍ଷ। ମହେଶ ଭଟ୍ଟଙ୍କ ଏହି ଫିଲ୍ମର ନାୟିକା ପାଇଁ ପ୍ରଥମେ ଚିତ୍ରାଙ୍ଗଦା ସିଂଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ମନା କରିଦେବାରୁ କଙ୍ଗନା ବାଜି ମାରି ନେଇଥିଲେ। ବର୍ତ୍ତମାନ ସେ ଇନ୍ଦିରା ଗାନ୍ଧୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହେଉଥିବା ସିନେମା 'ଏମରଜେନ୍ସି'ରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ମଧ୍ୟ ଦେଉଛନ୍ତି। ଏହାବ୍ୟତୀତ 'ଚନ୍ଦ୍ରମୁଖୀ-୨' ନାମକ ଏକ ତାମିଲ ଫିଲ୍ମର ଶୁଟିଂ ମଧ୍ୟ ଚାଲୁ ରହିଛି।

# ବହି ପାଇଁ..

ଶାହୀଦ କପୁରଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଇସ୍କ ଭିସ୍କ'ରୁ। ହେଲେ ଏହାପୂର୍ବରୁ ସେ 'ଦିଲ୍ ତୋ ପାଗଲ ହେ' ଏବଂ 'ତାଲ୍'ରେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଭାବେ ଦେଖାଦେଇଥିଲେ। ତେବେ ତାଙ୍କ ବ୍ୟକ୍ତିଗତ ଜୀବନରେ ନୂଆମୋଡ ଆଣିଥିଲା ଏକ ବହି। ତାହାକୁ ପଢ଼ିବା ପରେ ସେ ନିଜ ଜୀବନଧାରାକୁ ପରିବର୍ତ୍ତନ କରିବାରେ ସକ୍ଷମ ହୋଇଥିଲେ। ଏ ନେଇ ଶାହୀଦ କହନ୍ତି, 'ଥରେ ମୋତେ ଉପହାର ସ୍ୱରୂପ ଏକ ଆଧ୍ୟାତ୍ମିକ ବହି ମିଳିଥିଲା। ଅବସର ସମୟରେ ତାକୁ ମୁଁ ପଢ଼ିବାକୁ ଆରମ୍ଭ କଲି। ସେହି ବହିରୁ ମୁଁ ଜୀବନର ଅର୍ଥ ବିଷୟରେ ଅନେକ କଥା ଜାଣିପାରିଲି। ଜଣେ ବ୍ୟକ୍ତି କିପରି ତା' ଜୀବନରେ ନିଜକୁ ଭଲ ମଣିଷ ଭାବରେ ପରିଚିତ କରାଇ ପାରିବ ସେଥିରେ ତାହା ଉଲ୍ଲେଖ ଥିଲା। ପ୍ରଥମେ ସେହି ବହିଟି ପଢ଼ିବା ପରେ ମୁଁ ମୋ ଜୀବନଧାରାକୁ ବଦଳାଇ ଦେଇଥିଲି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ତା'ପରେ ମୁଁ ଆମିଷ ଖାଇବା ଛାଡି ଦେଇଥିଲି ଆଉ ଭେଜିଟେରିଆନ୍ ପାଲଟିଗଲି।' ଶାହୀଦଙ୍କ ଅଭିନୀତ ଏ ପର୍ଯ୍ୟନ୍ତର ଶେଷ ଫିଲ୍ମ ହେଉଛି 'ଜର୍ସି'। ଏହି ଚଳଚ୍ଚିତ୍ରରେ ଶାହୀଦଙ୍କ ଅଭିନୟକୁ କ୍ରିଟିକମାନେ ବହୁତ ପ୍ରଶଂସା କରିଥିଲେ ହେଁ ବକ୍ସ ଅଫିସରେ ଫିଲ୍ମଟି ଭଲ ବିଜନେସ କରି ନ ଥିଲା। ତାଙ୍କର ଆଗାମୀ ଫିଲ୍ମ ହେଲା 'ବ୍ଲଡି ଡ୍ୟାଡି'।



ଶାହୀଦ

# ଗ୍ରିନ୍ ଗ୍ରିନ୍ ୟାମି

ୟାମି ଗୌତମ ଗୋଟିଏ କଥାକୁ ବେଶି ଗୁରୁତ୍ୱର ସହ ନେଇଥାଆନ୍ତି। ତାହା ହେଲା ପରିବେଶ ସୁରକ୍ଷା। ଏପରି କି ସବୁଜ ପରିବେଶ ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ସେ ନିଜର ହିମାଚଳ ପ୍ରଦେଶ ବଙ୍ଗଳୋ ବାହାରେ ଏକ ସବୁଜ ପରିବେଶ ସୃଷ୍ଟି କରିଛନ୍ତି। ତା'ସହ ଏକ ଅର୍ଗାନିକ ଗାର୍ଡେନ ମଧ୍ୟ ତିଆରି କରିଛନ୍ତି। ଖାସ୍ କଥା ହେଲା, ଏହାର ଯତ୍ନ ସେ ନିଜେ ହିଁ ନେଇଥାଆନ୍ତି। ତେବେ ଏଭଳି ମାନସିକତା ବିଷୟରେ ୟାମି କହନ୍ତି, 'ମୋତେ ସବୁବେଳେ ସବୁଜ ପରିବେଶ ବେଶୀ ଆକର୍ଷିତ କରିଥାଏ। ତେଣୁ ମୋ ଘରର ଚାରିପଟରେ ମୁଁ ଅନେକ ପ୍ରକାରର ଗଛ ଲଗାଇଛି। ତା'ସହ ଘର ସାମନାରେ ଏକ ଅର୍ଗାନିକ ଗାର୍ଡେନ କରିଛି। ଏଥିରେ ଅନେକ ପ୍ରକାରର ଔଷଧୀୟ ଗଛ ମଧ୍ୟ ଲଗାଇଛି। ସବୁଜ ପରିବେଶ ବିଷୟରେ ଜନସଚେତନା ସୃଷ୍ଟି କରିବା ଲାଗି ଏକ ସଂସ୍ଥା ମଧ୍ୟ ଗଠନ କରିଛି।' ୟାମିଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। ଇତିମଧ୍ୟରେ ସେ ବେଶ୍ କେତୋଟି କନ୍ନଡ, ତେଲୁଗୁ, ତାମିଲ, ମାଲାୟାଲାମ ଏବଂ ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି।



ୟାମି



(ବାମରୁ) ବବି-ସମ୍ବିତ-ତୃପ୍ତି

# ଫେରିଲେ ମୁଁ ତୁମର

ବବି ମିଶ୍ର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଫେରିଲେ ମୁଁ ତୁମର'। ଏକ ଭିନ୍ନଧରଣର ପ୍ରେମ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି। ଏହାର କାହାଣୀ ଅଭିନେତା ବବି ମିଶ୍ର ଲେଖିଥିବା ବେଳେ ତାହାକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହି ଚିତ୍ରକୁ ନିର୍ମାଣ କରାଯାଇଛି। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡିର ଭରପୁର ତଡକା ରହିଛି ବୋଲି ଡ. ରଜନୀ କହନ୍ତି। ଫିଲ୍ମର ମୁଖ୍ୟ ଭୂମିକାରେ ସମ୍ବିତ, ବବି ମିଶ୍ର, ତୃପ୍ତି, ଭାବନା, ପପୁ ସନ୍ତୁକା ଏବଂ ହରିହର ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ଦେବକାନ୍ତ ମିଶ୍ର ଏହାର ପ୍ରଯୋଜନା କରିଥିବା ବେଳେ ଏକଜ୍ଜୁକ୍ୟୁଟିଭ ପ୍ରଡ୍ୟୁସର ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ରିଲିଜ ହେବା ପରେ ହିଁ ଜଣାପଡିବ।

# ଆଖିରେ ଆଖିରେ ଇସାରା କରି, ରଙ୍ଗୀଲା ମନକୁ କରିଛି ଚୋରି

**ପ୍ରଶ୍ନ**–ସବୁବେଳେ ମୋ ସ୍ୱପ୍ନରେ ଜଣେ ସୁନ୍ଦରୀ ଆସୁଛି। ତା' କଥା ଭାବି ଭାବି ଦିନ ବିତି ଯାଉଛି। କ'ଣ କରିବି ?

*–ତପନ ସାହୁ, ରାଉରକେଲା*

**ଉତ୍ତର:** ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ। କିନ୍ତୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲକା ଭାବରେ ନିଅନ୍ତୁ ନାହିଁ। ପ୍ରଥମ କଥା ହେଲା ଯିଏ ଆପଣଙ୍କ ସ୍ୱପ୍ନରେ ସବୁବେଳେ ଆସୁଛି ଆପଣଙ୍କ ମନ ତା' ପାଖରେ ଏବେ ବନ୍ଧା ପଡିଯାଇଛି। ଅନ୍ୟପକ୍ଷରେ ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ**–ସେହି ସୁନ୍ଦରୀର ଲାଜୁଆ ହସ ପାଖରେ ମୁଁ ବନ୍ଧା ପଡିଯାଇଛି। ସତେ ଯେମତି ସେ ମୋ ମନକୁ ଚୋରି କରିନେଇଛି। ଏବେ ମୁଁ କ'ଣ କରିବି ଜାଣିପାରୁନାହିଁ।

*–ଅଲେଖ, କଟକ*

**ଉତ୍ତର:** ସେହି ସୁନ୍ଦରୀର ପରିଚୟ ବୋଧହୁଏ ଆପଣ ଜାଣିନାହାନ୍ତି। ଏପରି ଲାଗୁଛି ପ୍ରଥମ ଇସାରାରେ ତା' ପ୍ରେମ ଫାସରେ ଆପଣ ବାନ୍ଧି ହୋଇଯାଇଛନ୍ତି। 'ଆଖିରେ ଆଖିରେ ଇସାରା କରି, ରଙ୍ଗୀଲା ମନକୁ କରିଛି ଚୋରି'। ଅଧିକାଂଶ ଲାଜେଇ ଝିଅମାନଙ୍କର ଆଖିରେ ପ୍ରେମ ଭରି ରହିଥାଏ। ଆଉ ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ଜୀବନ ରାଉତ, କେନ୍ଦ୍ରାପଡା*

**ଉତ୍ତର:** ସତରେ ପ୍ରଥମ ପ୍ରେମକୁ ଭୁଲିବା ଏତେ ସହଜ ନୁହେଁ। ଦେଖୁନାହାନ୍ତି, ଆପଣଙ୍କ ପ୍ରେମିକା ଆପଣଙ୍କୁ ଧୋକା ଦେଇ ଚାଲିଯାଇଛି, ହେଲେ ଆପଣ ତାଙ୍କୁ ମନରୁ ପୋଛି ଦେବାକୁ ନାରାଜ। ଏପଟେ ଆଉ ଜଣେ ଝିଅକୁ ପ୍ରେମ କରିବାକୁ ମାଇଣ୍ଡ ମେକଅପ କରିସାରିଲେଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ମନ ହୋଇଛି, ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ**–ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ଦିବାକର, ନବରଙ୍ଗପୁର*

**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !



ସାଥୀ

## ପ୍ରଥମ ରୋଜଗାର



# ଜେଜେ ମା'କୁ ଦେଇପାରିଲିନି ପ୍ରଥମ ଦରମା

**ଶିକ୍ଷୟିତ୍ରୀ ପ୍ରଭାତୀ ମଞ୍ଜରୀ ବେହେରା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

**ସେ** ଦିନ ଥିଲା ୨୦୦୭ ମସିହା ଅଗଷ୍ଟ ମାସ ୨ତାରିଖ ; ଯେଉଁଦିନ ମୋତେ ପ୍ରଥମ ରୋଜଗାରର ଦରମା ମିଳିଥିଲା। ଦରମା ପାଇବା ପରେ ପୂର୍ବରୁ ମନେ ମନେ ଭାବିଥିବା ସବୁ ଖୁସିକୁ ଏଇ ଟଙ୍କାରେ ପୂରଣ କରିବାକୁ ଲାଗିପଡିଲି। ପ୍ରଥମେ ବାପାଙ୍କ ହାତରେ କିଛି ଟଙ୍କା ଦେଇଥିଲି। ତା'ପରେ ଆଉ ଯାହା ବଳିଲା, ସେଥିରେ ତାରିଣୀ ମା'ଙ୍କ ପୂଜା ପାଇଁ ଧୂପ, ଦୀପ, ନଡିଆ, ଶାଢୀ କିଣି ପଠାଇଲି। ଅଗଷ୍ଟ ୧୫ରେ ପିନ୍ଧିବାକୁ ନିଜ ପାଇଁ ଶାଢୀଟିଏ କିଣିଥିଲି। କେବଳ ସେତିକି ନୁହେଁ, ଜଣେ ଶିକ୍ଷୟିତ୍ରୀ ହିସାବରେ ରୋଜଗାରର କିଛି ଅଂଶ ପତ୍ରିକା କିଣିବାରେ ମଧ୍ୟ ଖର୍ଚ୍ଚ କରିଥିଲି। ଖାସ୍ କରି ଶିଶୁ ପତ୍ରିକା କିଣି ପିଲାମାନଙ୍କୁ ପଢିବାକୁ ଉପହାର ଦେଇଥିଲି। ତେବେ ମୋ ରୋଜଗାର ପାଇଁ ଯିଏ ସଦାବେଳେ ସ୍ୱପ୍ନ ଦେଖୁଥିଲା ସେ ୨୦୦୨ରୁ ବିଦାୟ ନେଇ ସାରିଥିଲା ଏ ଧରାଧାମରୁ। ସେ ଆଉ କେହି ନୁହେଁ ମୋ ପ୍ରିୟ ଜେଜେ ମା'। ମନ ସେଥିପାଇଁ ଦୁଃଖରେ ଭାରାକ୍ରାନ୍ତ ଥିଲେ ବି ବିଦ୍ୟାଳୟର ପିଲାମାନଙ୍କର ହସରେ ମୁଁ ତାକୁ ଅନୁଭବ କରି ମୋ ସମୟ ବିତାଇ ଦେଉଥିଲି। ତଥାପି ମୋ ଚାକିରୀ ଜୀବନରେ ଜେଜେ ମା'ର ଅଭାବ ମୁଁ ସବୁବେଳେ ଅନୁଭବ କରୁଛି। ସବୁ ଜେଜେ ଆଉ ଜେଜେ ମା' ବଞ୍ଚି ରୁହନ୍ତେନି ନିଜ ନାତି ନାତୁଣୀଙ୍କ ପ୍ରଥମ ରୋଜଗାରକୁ ନିଜ ହାତରେ ଧରିବାପାଇଁ ଆଉ ଆନନ୍ଦିତ ହେବାପାଇଁ। ମୋତେ ମୋ ଜେଜେ ମା' ବହୁତ ଭଲ ପାଉଥିଲା। ସବୁବେଳେ କହୁଥିଲା, 'ତୁ ଚାକିରୀ କରିବୁ, ପଇସା ପାଇବୁ, ହେଲେ ନିଜ ସଂସ୍କାରକୁ କେବେ ଭୁଲିବୁନି।' ତା'ର ସେଇ ପଦିଏ କଥା ମୁଁ ଆଜିଯାଏ ମନେରଖି ବାଟ ଚାଲୁଛି। ବାପା ବୋଉଙ୍କ ଆଦର ଯତ୍ନରେ ସିନା ବଡ ହୋଇଛି ଆଉ ପାଠପଢି ଶିକ୍ଷୟିତ୍ରୀଟିଏ ହୋଇଛି କିନ୍ତୁ ପଢିଲାବେଳେ ଯେଉଁ ଧୈର୍ଯ୍ୟ, ସାହସ, ଶକ୍ତି ପାଉଥିଲି ତାହା ମୋତେ ମୋ ଜେଜେ ମା' ହିଁ ଯୋଗାଇ ଦେଉଥିଲା। ତେଣୁ ସବୁ ଜନମରେ ମୋତେ ମୋ ଜେଜେମା' ଭଳି ଜେଜେମା' ମିଳୁଥାଉ ବୋଲି ପ୍ରଭୁଙ୍କୁ ମୁଣ୍ଡିଆ ମାରୁଛି। ହେଲେ ଏତିକି ଦୁଃଖ ରହିଗଲା ସେହି ପ୍ରାଣପ୍ରିୟ ଜେଜେ ମା' ପାଇଁ ମୁଁ ମୋ ପ୍ରଥମ ଦରମାରେ କିଛି ବି କରିପାରିଲି ନାହିଁ। ତେଣୁ ପ୍ରଥମ ରୋଜଗାରର ଏହି ଦୁଃଖଭରା ଅନୁଭୂତିକୁ ମୁଁ କେବେ ବି ଭୁଲି ପାରିବି ନାହିଁ।

# ସାଧନା ପୀଠ ବେଣ୍ଟପୁର










**ଶ୍ରୀ**ଜଗନ୍ନାଥ ସଂସ୍କୃତି ସର୍ବଧର୍ମ ସମନ୍ୱୟର ପ୍ରତୀକ । ଯେଉଁଠାରେ ନାମ ସଂକୀର୍ତ୍ତନ ହୁଏ ସେଠାରେ ସ୍ୱୟଂ ଭଗବାନ ପ୍ରକଟ ହୁଅନ୍ତି ବୋଲି ଧର୍ମ ବିଶ୍ୱାସ ରହିଛି । ପ୍ରତି ଯୁଗରେ ଭଗବାନଙ୍କ ସାନ୍ନିଧ୍ୟ ଲାଭ ଓ ଆଶୀର୍ବାଦ ପାଇଁ ପ୍ରାର୍ଥନା, ଭଜନ, ଜଣାଣ, କୀର୍ତ୍ତନ, ମନ୍ତ୍ର,ନାମ ଆଦି ଜପକରିବା ପାଇଁ ଭିନ୍ନ ଭିନ୍ନ ପ୍ରକ୍ରିୟା ରହିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ପୁରୁଷୋତ୍ତମ ଧାମରେ ସଂକୀର୍ତ୍ତନ ପରିବେଷଣ କରାଯାଉଥିବା ପୁରାଣରୁ ଜଣାପଡ଼େ । ତେବେ ଶ୍ରୀଜଗନ୍ନାଥ ସଂସ୍କୃତିରେ ସଂକୀର୍ତ୍ତନ ଏକ ମୁଖ୍ୟ ଅଙ୍ଗ । ଭକ୍ତର ସଂକୀର୍ତ୍ତନରେ ମହାପ୍ରଭୁ କାଳିଆସାଆନ୍ତ ବନ୍ଧା ପଡି ଆସିଛନ୍ତି ।

ସେମିତି ଏକ ସାଧନା ପୀଠର କଥା ; ଯେଉଁଠି ଭକ୍ତ ଅହରହ ମହାପ୍ରଭୁଙ୍କ ନାମକୀର୍ତ୍ତନ କରିଥାନ୍ତି । ଶ୍ରୀକ୍ଷେତ୍ର ପୁରୀରୁ ପ୍ରାୟ ୨୦କିମି ଦୂର ବ୍ରହ୍ମଗିରି । କିନ୍ତୁ ବ୍ରହ୍ମଗିରିକୁ ଆସିବା ପୂର୍ବରୁ ପଡ଼ିବ ବେଣ୍ଟପୁର ଗାଁ । ଏହି ଗାଁରେ ରହିଛି ଏକ ବହୁ ପୁରାତନ ଧର୍ମପୀଠ । ଦିନେ ଏହି ଗାଁରେ ଶ୍ରୀ ଚୈତନ୍ୟ ଦେବଙ୍କ ପାଦ ପଡ଼ିଥିଲା । ସେତେବେଳେ ଏହି ଗାଁରେ ଦୁଇ ଭକ୍ତ ଥିଲେ ମାଧବୀ ଦାସ ଓ ରାୟ ରାମାନନ୍ଦ । ଏମାନଙ୍କ ବଂଶଜ ତାଙ୍କ ପୂର୍ବପୁରୁଷଙ୍କର ସ୍ମୃତିକୁ ଏବେ ବି ସାଇତି ରଖିଛନ୍ତି । ଦିନଥିଲା ଉତ୍କଳର ଅନ୍ୟତମ ପରାକ୍ରମୀ ରାଜା ଥିଲେ ପ୍ରତାପରୁଦ୍ର ଦେବ । ତାଙ୍କ ରାଜ୍ୟ ଉତ୍ତରରେ ତ୍ରିବେଣୀ, ଯାହା ଗଙ୍ଗାଘାଟଠାରୁ ଦକ୍ଷିଣରେ ରାମେଶ୍ୱର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସେତେବେଳେ ମୁସଲମାନମାନେ ଭାରତ ଶାସନ କରୁଥିଲେ ହେଁ ଓଡ଼ିଶା ଥିଲା ସ୍ୱାଧୀନ । କିନ୍ତୁ ଉତ୍କଳର ଓଡ଼ିଆ ରାଜା ବାହ୍ୟ ଆକ୍ରମଣରୁ ଉତ୍କଳକୁ ରକ୍ଷା କରିବାକୁ ରାଜା ରାଜନୀତିରେ ଧୂରନ୍ଧର ରାୟରାମାନନ୍ଦଙ୍କୁ ଦାକ୍ଷିଣାତ୍ୟକୁ ଗର୍ଭଣ୍ଣର କରି ପଠାଇଥିଲେ । ତାଙ୍କୁ ଲୋକେ ରାଜ ମହେନ୍ଦ୍ରୀର ରାଜା ବୋଲି କହୁଥିଲେ । ରାୟରାମାନନ୍ଦ ଯେ କେବଳ ରାଜା ପ୍ରତାପ ରୁଦ୍ରଦେବଙ୍କର ଜଣେ ସୁଦକ୍ଷ ପ୍ରଶାସକ ଥିଲେ ତାହା ନୁହେଁ ବରଂ ସେ ଏକ ଧାରାରେ ଥିଲେ ମହାନ କୃଷ୍ଣପ୍ରେମୀ, ସଂଗୀତଜ୍ଞ ଓ ନାଟ୍ୟକାର । ଜଗନ୍ନାଥ ବଲ୍ଲଭର ମଧ୍ୟ ସେ ଥିଲେ ରଚୟିତା । ସେ ସର୍ବଦା କୃଷ୍ଣ ଭକ୍ତିରେ ନିମଗ୍ନ ରହୁଥିଲେ । ଷୋଡ଼ଶ ଶତାବ୍ଦୀରେ ଚୈତନ୍ୟ ଦେବଙ୍କ ସହ ରାୟ ରାମାନନ୍ଦଙ୍କର ଭେଟ ହୋଇଥିଲା । ତେବେ ଶ୍ରୀଚୈତନ୍ୟ ଦେବ ତାଙ୍କର ପୁରୀ ରହଣୀ ସମୟରେ ବେଣ୍ଟପୁର ଗାଁରେ ଥିବା ରାୟ ରାମାନନ୍ଦଙ୍କ ବାସଭବନରେ ଅବସ୍ଥାନ କରିଥିବାର କଥା ଶୁଣିବାକୁ ମିଳେ । ବେଣ୍ଟପୁର ଗାଁରେ ସ୍ଥାପିତ ହୋଇଥିବା ଶ୍ରୀଗୋପିନାଥ ଦେବଙ୍କ ମନ୍ଦିର, ମାଧବୀ ଦାସଙ୍କ ମଠ, ରାୟ ରାମାନନ୍ଦ ଓ ଶ୍ରୀଚୈତନ୍ୟ ଦେବଙ୍କ ମନ୍ଦିର, ପ୍ରତିମୂର୍ତ୍ତିର ସୁରକ୍ଷା ଓ ରକ୍ଷଣାବେକ୍ଷଣା ପାଇଁ ଗ୍ରାମବାସୀଙ୍କ ଉଦ୍ୟମରେ ଏକ କମିଟି ଗଠନ ହୋଇଛି । ଏଥିରେ ଗାଁର ଧାର୍ମିକ ବ୍ୟକ୍ତିମାନେ ଯୋଗ ଦେଇ ମଠର ପରିଚାଳନା କରୁଛନ୍ତି । ବର୍ଷର ବିଭିନ୍ନ ସମୟରେ ପାରମ୍ପରିକ ରିତିନୀତିରେ ଏହି ମଠ ଓ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି ।

***– ସ୍ୱାଧୀନ ଚମ୍ପତିରାୟ***

# କଣ୍ଢେଇ ଦରବାର

**ଦ**କ୍ଷିଣ ଭାରତୀୟ ପରମ୍ପରାରେ ବୋମ୍ମାଲା କୋଲୁଭୁ ବା ଗୋଲୁ ଏକ ସୁନ୍ଦର ପର୍ବ । ପବିତ୍ର ନବରାତ୍ରି ଉତ୍ସବ ପାଳନ ସମୟରେ ତାମିଲନାଡୁ, ତେଲେଙ୍ଗାନା, କର୍ନାଟକ, ଆନ୍ଧ୍ର ପ୍ରଦେଶ ତଥା ଓଡ଼ିଶାର ବ୍ରହ୍ମପୁର, ଜୟପୁର, ରାୟଗଡ଼ା ଇତ୍ୟାଦି ଅଞ୍ଚଳର ତେଲୁଗୁ ଭାଷୀ ପରିବାରର ଘରେ ଘରେ ରଙ୍ଗବେରଙ୍ଗ ପସରା ମେଲାଇ ଆୟୋଜିତ ହୁଏ କଣ୍ଢେଇ ଓ ମୂର୍ତ୍ତି ସବୁର ରମଣୀୟ ଦରବାର ।

ଥାକ ଥାକ ହୋଇ ସୁନ୍ଦର ଭାବରେ ସଜ୍ଜିତ 'ପଟ୍ଟାଡା ବୋମ୍ମେଲୁ' ନାମରେ ପରିଚିତ ଏହି କଣ୍ଢେଇଗୁଡ଼ିକ ବେଶ୍ ରାଜକୀୟ । ରାଜା-ରାଣୀ କିମ୍ବା ରାଜପୁତ୍ର-ଯୁବରାଣୀ ଅଥବା ଦେବ-ଦେବୀ, ମାନବ-ମାନବୀ ଯୋଡ଼ିଙ୍କୁ ନେଇ ଏହାର ପରିକଳ୍ପନା କରାଯାଇଥାଏ । ରାମାୟଣ, ମହାଭାରତ ତଥା ବିଭିନ୍ନ ପୌରାଣିକ କାହାଣୀର ବିଷୟ ବସ୍ତୁକୁ ନେଇ ଚିତ୍ରାୟିତ ହୋଇଥାଏ ଏହି ପାରମ୍ପରିକ କଣ୍ଢେଇ ଦରବାର । ଜନଜୀବନର ବିବିଧ ରୂପ ଓ ସାମାଜିକ ଚାଲିଚଳଣିକୁ ନେଇ ଏହାର ବିଷୟବସ୍ତୁ ଚୟନ କରାଯିବା ସହ ସେହି ଅନୁସାରେ ହୋଇଥାଏ ଏହାର ସାଜସଜ୍ଜା । ଏଥିପାଇଁ ବର୍ଷ ଆରମ୍ଭରୁ ବିଭିନ୍ନ ସ୍ଥାନରୁ ମୂର୍ତ୍ତି ବା କଣ୍ଢେଇ ସଂଗ୍ରହ କରାଯାଇ ସାଇତି ରଖାଯାଇଥାଏ । ବର୍ଷ ବର୍ଷ ଧରି ପରିବାରର ମହିଳାମାନେ ଏସବୁ କରିଥାନ୍ତି । ଏହି ସୁନ୍ଦର ପରମ୍ପରାକୁ ବଜାୟ ରଖିବାର ଉଦ୍ଦେଶ୍ୟ ନେଇ ବିବାହ ସମୟରେ କନ୍ୟାକୁ କଣ୍ଢେଇ ପସରା ଉପହାର ଦିଆଯାଇଥାଏ ।

ନବରାତ୍ରି ବେଳେ ମହିଷାସୁର ସହିତ ନବ ରୂପଧାରିଣୀ ଦୈବୀଶକ୍ତିଙ୍କର ନବ ଦିବସର ଯୁଦ୍ଧ ଏବଂ ବିଜୟା ଦଶମୀ ତିଥିରେ ଆସୁରିକ ଶକ୍ତି ଉପରେ ଦିବ୍ୟ ନାରୀଶକ୍ତିର ବିଜୟ ଉତ୍ସବ ପାଳନ କରାଯାଏ । ଏହି ସମୟ ପୂର୍ବରୁ ମହାଳୟା ପକ୍ଷ ବେଳେ ଯମରାଜାଙ୍କ ପ୍ରଭାବ ବା ଉର୍ଜ୍ଜା ଅଧିକ ଥିବାରୁ ଆପଦବିପଦ, ଦୁର୍ଘଟଣା, ଅକାଳ ମୃତ୍ୟୁର ଆଶଙ୍କା ରହିଥାଏ, ତେଣୁ ଏହି ସମୟରେ କଣ୍ଢେଇ ଦରବାରର ଆୟୋଜନ କରାଯାଇ ସକାରାତ୍ମକ ଶକ୍ତି ଏବଂ ତଜ୍ଜନିତ ସୁଖ, ସମୃଦ୍ଧିର ଆବାହନ କରାଯାଏ ।

କଣ୍ଢେଇଗୁଡ଼ିକର ସାଜସଜ୍ଜାର ଏକ ବିଶେଷ ପ୍ରଣାଳୀ ଥାଏ । ସେଗୁଡିକ ତିନି, ପାଞ୍ଚ, ସାତ ବା ନଅ ପରି ଅଯୁଗ୍ମ ସଂଖ୍ୟାର ସୋପାନ ବା ପାହାଚରେ ସଜେଇ ରଖା ହୁଅନ୍ତି । ସତ୍ତ୍ୱ, ରଜ, ତମ ତିନି ଗୁଣର ପରିକଳ୍ପନା ହେଉ ଅଥବା ଅଗ୍ନି, ବାୟୁ, ଜଳ, ଆକାଶ, ଭୂମି ରୂପୀ ପଞ୍ଚ ମହାଭୂତ ହେଉ ଅବା ସପ୍ତମାତୃକା ଶକ୍ତିମୟୀ ରୂପିଣୀ ହୁଅନ୍ତୁ, ଏହିପରି ଅଯୁଗ୍ମ ସଂଖ୍ୟାର ଥାକରେ ମୂର୍ତ୍ତି ସବୁ ସଜାହୋଇ ରଖାଯାଇଥାଏ ।

ସର୍ବୋଚ୍ଚ ସ୍ଥାନରେ ଆମ୍ବ ଡାଳ, ପଇଡ଼ ସହ ଜଳପୂର୍ଣ୍ଣ କଳସ ରଖାଯାଇଥାଏ । ବିଶ୍ୱାସ କରାଯାଏ ଯେ, କଳସ ମଧ୍ୟରେ ଦୁର୍ଗାମାତା ଅବସ୍ଥାନ କରନ୍ତି । ମହାଲକ୍ଷ୍ମୀ, ମହା ସରସ୍ୱତୀ ଏବଂ ମହା ଗୌରୀ, ଶ୍ରୀମଦ୍ ନାରାୟଣ ଏବଂ ମହାଦେବ ଶଙ୍କର, ଶ୍ରୀବିଷ୍ଣୁଙ୍କର ଦଶ ଅବତାରଙ୍କ କ୍ଷୁଦ୍ର ବିଗ୍ରହ ଆଦିଙ୍କୁ ସବୁଠାରୁ ଉପର ସୋପାନରେ ରଖାଯାଏ । ସାଧୁସନ୍ଥ, ମହାପୁରୁଷ, ସିଦ୍ଧ ଯୋଗୀଙ୍କ ମୂର୍ତ୍ତି ତଳକୁ ରାଷ୍ଟ୍ରନେତା, ଧର୍ମଗୁରୁ ଏବଂ ତାହାର ତଳ ସୋପାନରେ ସାଧାରଣ ମାନବ ମୂର୍ତ୍ତି ରଖାଯାଇଥାଏ । ତା' ତଳକୁ ଶର୍କରା ଓ ଶସ୍ୟାଦି ପଣ୍ୟଦ୍ରବ୍ୟର ବ୍ୟବସାୟ କରୁଥିବା କଣ୍ଢେଇ, ବିବାହ ଉତ୍ସବରେ ଭାଗ ନେଉଥିବା ପୁରୁଷ ଓ ମହିଳା କଣ୍ଢେଇ ରଖାଯାଇଥାଏ । ସବା ତଳ ଥାକରେ ଗୃହପାଳିତ ପଶୁ, ପକ୍ଷୀଙ୍କ ମୂର୍ତ୍ତି ସଜା ଯାଇଥାଏ । ସାମାଜିକ ଚଳଣି ଓ ସଂସ୍କୃତିର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ ଏହି କଣ୍ଢେଇ । ଶତାବ୍ଦୀ ଶତାବ୍ଦୀ ଧରି ଚାଲିଆସିଥିବା ଏହି ପରମ୍ପରା ଆଧୁନିକ ରୀତିନୀତି ଚାଲିଚଳଣି ଭିତରେ ଧୀରେ ଧୀରେ ନିଜର ଗୁରୁତ୍ୱ ହରାଉଛି ସତ, କିନ୍ତୁ ଏହି ରମଣୀୟ କଣ୍ଢେଇ ଦରବାର ଉତ୍ସବ ଅଦ୍ୟାବଧି ପାରିବାରିକ ଡୋରକୁ ସଶକ୍ତ କରିରଖିଛି ।





***–ସୁଜାତା ମିଶ୍ର***
କସ୍ମୋପଲିସ , ଭୁବନେଶ୍ୱର
ମୋ: ୯୪୩୭୧୧୭୦୮୪



ୟାସ୍ମିନ୍

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କେ.ବି.ମ୍ୟୁଜିକ

# ହାଃ ହାଃ

## ଜାଭା/ ଜାଓ୍ୱା

ପପୁ ଏକ ଆଇଟି କମ୍ପାନୀରେ ଇଣ୍ଟରଭ୍ୟୁ ଦେବାକୁ ଯାଇଥାଏ।
ଇଣ୍ଟରଭ୍ୟୁ ନେଉଥିବା ବ୍ୟକ୍ତି: ଜାଭାର ୪ଟି ଭର୍ଜନ କ'ଣ କ'ଣ କୁହନ୍ତୁ।
ପପୁ: ମର୍ ଜାଓ୍ୱା, ମିଟ୍ ଜାଓ୍ୱା, ଲୁଟ ଜାଓ୍ୱା ଓ ସଦ୍‌କେ ଜାଓ୍ୱା।
ଇଣ୍ଟରଭ୍ୟୁ ନେଉଥିବା ବ୍ୟକ୍ତି: ବହୁତ ବଢ଼ିଆ। ଆପଣ ଘରକୁ ଯାଇପାରନ୍ତି।

## ଦେଖୁ ଦେଖୁ

ସ୍ତ୍ରୀ: ହେଇଟି ଶୁଣୁଛ, ଦେଖୁ ଦେଖୁ ଆମ ବାହାଘରକୁ ୨୦ ବର୍ଷ ହେଇଗଲାଣି।
ସ୍ୱାମୀ: ତମ ପାଇଁ ଦେଖୁ ଦେଖୁ ହେଇଥିବ। ହେଲେ ମୋ ପାଇଁ ଶୁଣି ଶୁଣି ୨୦ ବର୍ଷ ବିତିଲା।

## ଅକ୍ସଫୋର୍ଡ

ଗୋପୀ ମୁନାକୁ: ଆରେ ଏଇ ଫର୍ଡ(FORD) ମାନେ କ'ଣ ?
ମୁନା: ଏତିକି ଜାଣିନୁ ? ଇଏ ହେଉଛି ଗୋଟେ ଗାଡ଼ି।
ଗୋପୀ: ଓହୋ ! ତା'ହେଲେ OXFORD ମାନେ କ'ଣ ?
ମୁନା: ସିମ୍ପଲ୍ କଥା, OX ଅର୍ଥ ବଳଦ ଓ FORD ଅର୍ଥ ଗାଡ଼ି। ତା'ମାନେ OXFORD ଅର୍ଥ ହେଉଛି 'ବଳଦ ଗାଡ଼ି'।

# ଏଠି ବୁଲିବେ ଦେଶପ୍ରୀତିରେ



**ସାଧାରଣତନ୍ତ୍ର ଦିବସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ମନରେ ଦେଶପ୍ରୀତି ଜାଗ୍ରତ ହେବା ସହ ଅନେକ ଐତିହାସିକ ତଥ୍ୟ ଜାଣିହେବ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

* **ଇଣ୍ଡିଆ ଗେଟ୍:** ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍ ହେଉଛି ଏକ ରାଷ୍ଟ୍ରୀୟ ସ୍ମାରକ। ବର୍ଷର ଯେତେବେଳେ ଚାହିଁବେ ପର୍ଯ୍ୟଟକ ଏଠାକୁ ବୁଲିଯାଇପାରିବେ। କିନ୍ତୁ ସାଧାରଣତନ୍ତ୍ର ଦିବସ ହେଉ ଅବା ସ୍ୱାଧୀନତା ଦିବସ ଅବସରରେ ଏଠାକୁ ବୁଲିଗଲେ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ। ମନରେ ଦେଶପ୍ରୀତି ଜାଗ୍ରତ ହେବା ସହ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ମଧ୍ୟ ଲଭିପାରିବେ।

* **ଲାଲକିଲ୍ଲା:** ସାଧାରଣତନ୍ତ୍ର ଦିବସ ଅବସରରେ ଦିଲ୍ଲୀ ପରେଡ୍‌ର ଲୋକପ୍ରିୟତା ଖୁବ୍ ରହିଥାଏ ; ଯାହାକୁ ଦେଖିବାକୁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କର ସୁଅ ଛୁଟେ। ଏହି ପରେଡ୍ ଦେଖିବା ସହ ଆଗନ୍ତୁକମାନେ ନିକଟରେ ଥିବା ଲାଲକିଲ୍ଲାର ଅପୂର୍ବ ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିବାକୁ ଆଦୌ ଭୁଲି ନଥାନ୍ତି। କାରଣ ଲାଲକିଲ୍ଲା ହେଉଛି ଏକ ଐତିହାସିକ ଦୁର୍ଗ। ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ଏହି ଦୁର୍ଗ ସହିତ ଜଡ଼ିତ ରହିଛି। କେବଳ ସେତିକି ନୁହେଁ ଏହି ଦୁର୍ଗଟିର ଅପୂର୍ବ ସୌନ୍ଦର୍ଯ୍ୟ ବି ଦେଖିବାକୁ ବେଶ୍ ମନୋରମ ଲାଗିଥାଏ।

* **ସାବରମତୀ ଆଶ୍ରମ:** ଗୁଜରାଟର ଅହମଦାବାଦ୍‌ସ୍ଥିତ ସାବରମତୀ ନଦୀତଟରେ ଥିବା ଏହି ଆଶ୍ରମରେ ଗାନ୍ଧିଜୀ ନିଜ ଅନୁଗତମାନଙ୍କୁ ଅହିଂସା ଏବଂ ସତ୍ୟର ସନ୍ଧାନ ଉପରେ ଶିକ୍ଷା ଦେଉଥିଲେ। ତା'ସହିତ ଜଣେ କିପରି ନିଜର ବୁଦ୍ଧି ଖଟାଇ ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିବ, ସେ ବିଷୟରେ ବି ସେମାନଙ୍କୁ ପରାମର୍ଶ ଦେଉଥିଲେ। ବିଶେଷକରି ଗାନ୍ଧିଜୀ ସେମାନଙ୍କୁ କୁଟୀରଶିଳ୍ପ, ହସ୍ତଶିଳ୍ପ, ଚାଷବାସ ଆଦି ବିଷୟ ଉପରେ ଜ୍ଞାନ ପ୍ରଦାନ କରୁଥିଲେ। 'ଖଟି ଖାଅ କାଟି ପିନ୍ଧ' ଥିଲା ଗାନ୍ଧିଜୀଙ୍କର ବାଣୀ। ସେଥିପାଇଁ ଗାନ୍ଧିଜୀ ଏଠାରେ ଚରଖା ସ୍ଥାପନ କରି ସେଥିରେ ନିଜେ ନିଜର ପୋଷାକ ତିଆରି କରି ପିନ୍ଧୁଥିଲେ ଏବଂ ଆଶ୍ରମବାସୀଙ୍କୁ ବି ତାହା ଶିଖାଉଥିଲେ। ଫଳରେ ଅନେକ ଲୋକ ଏଥିରୁ ଉପକୃତ ହେଉଥିଲେ। ତେବେ ଗାନ୍ଧିଜୀଙ୍କ ସ୍ମୃତିରେ ଏହି ଆଶ୍ରମରେ ଏକ ସଂଗ୍ରହାଳୟ ମଧ୍ୟ ରହିଛି ; ଯାହା ଗାନ୍ଧୀ ସ୍ମାରକ



ସଂଗ୍ରହାଳୟ ନାମରେ ପରିଚିତ। ଏହି ସଂଗ୍ରହାଳୟରେ ପର୍ଯ୍ୟଟକ ଗାନ୍ଧିଜୀଙ୍କ ବାଲ୍ୟକାଳରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସମୟର ଅନେକ ଫଟୋ, ଗାନ୍ଧିଜୀଙ୍କର ଅନେକ ହାତଲେଖା ଚିଠି, ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଧାରିତ ବହୁ ପୁସ୍ତକ ତଥା ଅନେକ କଳାକୃତି ଆଦି ବୁଲି ଦେଖିପାରିବେ। ତେଣୁ ସାଧାରଣତନ୍ତ୍ର ଦିବସ ଅବସରରେ ବୁଲିବା ପାଇଁ ଏହି ସ୍ଥାନଟି ଏକ ଉତ୍ତମ ବିକଳ୍ପ ହୋଇପାରେ।



* **ଅଟାରି-ୱାଘା ବର୍ଡର:** ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଅଟାରି-ୱାଘା ବର୍ଡର ଆଡେ ବି ବୁଲି ଯାଇପାରିବେ। କାରଣ ଏହି ସମୟରେ ଗଲେ ଦେଶଭକ୍ତିର କିଛିଟା ନିଆରା ଅନୁଭୂତି ସାଉଁଟିବାର ସୁଯୋଗ ମିଳେ।

* **ଚନ୍ଦ୍ରଶେଖର ଆଜାଦ୍ ପାର୍କ:** ଏହା ଆଲ୍‌ଫ୍ରେଡ୍ ପାର୍କ ନାମରେ ବି ପରିଚିତ। ଏହି ପାର୍କଟି ଆଲ୍ଲାହାବାଦରେ ପ୍ରିନ୍ସ ଆଲ୍‌ଫ୍ରେଡ୍‌ଙ୍କ ନାଁରେ ପ୍ରଥମେ ଗଢ଼ି ଉଠିଥିଲା। କିନ୍ତୁ କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦ୍ ଏହି ପାର୍କରେ ଦେହତ୍ୟାଗ କରିବା ପରେ ଏହା ଲୋକମୁଖରେ ଚନ୍ଦ୍ରଶେଖର ଆଜାଦ୍ ପାର୍କ ଭାବେ ପରିଚିତ ହେବାକୁ ଲାଗିଲା। ସେଥିପାଇଁ ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଶହୀଦ ଦିବସ ପରି ବିଶେଷ ଦିନମାନଙ୍କରେ ଏଠାକୁ ଗଲେ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଉପଭୋଗ କରିବାର ସୁଯୋଗ ମିଳିଥାଏ।

* **ଚମ୍ପାରଣ:** ଏହା ବିହାରସ୍ଥିତ ଏକ ଐତିହାସିକ ସ୍ଥଳ ; ଯେଉଁଠାରେ ଜାତିର ପିତା ମହାତ୍ମା ଗାନ୍ଧୀ ଇଂରେଜଙ୍କ ବିରୋଧରେ ନିଜର ପ୍ରଥମ ଅହିଂସା ଆନ୍ଦୋଳନ ଆରମ୍ଭ କରିଥିଲେ ବୋଲି ତଥ୍ୟ ରହିଛି। ଚମ୍ପାରଣର ଇତିହାସ ଏତେସବୁ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ନିଜ ଭିତରେ ସାଇତି ରଖିଥିବାରୁ ଏହି ସ୍ଥାନଟିର ମହତ୍ତ୍ୱ ସବୁବେଳେ ରହିଆସିଛି। ତେଣୁ ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଏଠାକୁ ମଧ୍ୟ ବୁଲିଯାଇ ଅନେକ ଅନୁଭୂତି ଲଭିପାରିବେ।

କେବଳ ଏହିସବୁ ସ୍ଥାନ ନୁହେଁ, ପର୍ଯ୍ୟଟକ ଚାହିଁଲେ ସାଧାରଣତନ୍ତ୍ର ଦିସବ ଅବସରରେ କୋଲକାତାର ନେତାଜୀ ଭବନ, ଲଦାଖର କାରଗିଲ୍ ଯୁଦ୍ଧ ସ୍ମାରକ, ଗୁଜରାଟର ପୋର୍‌ବନ୍ଦର, ଉତ୍ତରପ୍ରଦେଶର ଝାନ୍ସି କିଲ୍ଲା ଆଦି ସ୍ଥାନକୁ ବୁଲିଯାଇ ଦେଶପ୍ରୀତିର ନିଆରା ଅନୁଭୂତିକୁ ନିଶ୍ଚୟ ଅନୁଭବ କରିପାରିବେ।



# ଚରଖା ପ୍ରତିକୃତୀ






ସୂତା କାଟୁଥିବା ଚରଖା ଦିନେ ଭାରତ ସ୍ୱାଧୀନତା ସଂଗ୍ରାମର ଏକ ପ୍ରମୁଖ ଅଂଶ ପାଲଟିଥିଲା। କାରଣ ବିଦେଶୀ ବସ୍ତ୍ର ବର୍ଜନ ଓ ସ୍ୱଦେଶୀ ବସ୍ତ୍ର ପରିଧାନ ପାଇଁ ବାର୍ତ୍ତା ଦେଇଥିଲେ ଦେଶର ପିତା ମହାତ୍ମା ଗାନ୍ଧୀ। ଆଉ ଏଇ କାଟି ପିନ୍ଧ ନିତୀରେ ଖଦୀ ଆନ୍ଦୋଳନ ହୋଇଥିଲା ସକ୍ରିୟ। ସ୍ୱଦେଶୀ ହେବାର ବାର୍ତ୍ତା ବହନ କରୁଥିବା ଏହି ଚରଖାର ମହତ୍ୱ ଯେମିତି କାହାରି ମନରୁ ଲିଭି ନ ଯାଉ, ସେଥିପାଇଁ ଭାରତର ବିଭିନ୍ନ ସ୍ଥାନରେ ତିଆରି ହୋଇଛି ଚରଖାର ବଡ଼ ବଡ଼ ପ୍ରତିକୃତୀ। ସେଥିମଧ୍ୟରୁ କିଛି..

**ନୋଏଡାସ୍ଥ ଚରଖା:** ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଉତ୍ତରପ୍ରଦେଶ, ନୋଏଡାସ୍ଥ ସେକ୍ଟର ୯୪ରେ ଏକ ବଡ଼ ଚରଖାର ଉନ୍ମୋଚନ କରାଯାଇଥିଲା। ଉକ୍ତ ଚରଖାଟି ତିଆରି ହୋଇଥିଲା ୱେଷ୍ଟ ପ୍ଲାଷ୍ଟିକ୍‌ରେ। ୧୬୫୦ କି.ଗ୍ରା. ଓଜନର ଏହି ଚରଖା ୱେଷ୍ଟ ପ୍ଲାଷ୍ଟିକରେ ତିଆରି ପୃଥିବୀର ସବୁଠାରୁ ବଡ଼ ଚରଖାର ମାନ୍ୟତା ପାଇଛି। ଉକ୍ତ ଚରଖା ଗାନ୍ଧୀଜୀଙ୍କର ସ୍ୱଦେଶୀ ହେବାର ସ୍ୱପ୍ନକୁ ଦର୍ଶାଇଥାଏ। ତା'ସହ ପ୍ଲାଷ୍ଟିକ୍ ମୁକ୍ତ ହେବାର ବାର୍ତ୍ତା ବି ବହନ କରେ। ଏଥିରେ ୧୨୫୦ କି.ଗ୍ରା. ବ୍ୟବହୃତ ପ୍ଲାଷ୍ଟିକର ବ୍ୟବହାର କରାଯାଇଛି।

**ଦିଲ୍ଲୀ ବିମାନ ବନ୍ଦରରେ ଚରଖା:** ସେହିଭଳି ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଅଛି ପୃଥିବୀର ସବୁଠାରୁ ବଡ଼ ଚରଖା। ଭାରତର ସମୃଦ୍ଧ ସଂସ୍କୃତିର ନିଦର୍ଶନ ହେଉଛି ଏହି ଚରଖା। ୪ ଟନ୍‌ର ଉକ୍ତ ଚରଖା ଉଚ୍ଚମାନର ବର୍ମା ଟିକ୍ ଉଡ୍ ବା ବର୍ମା ଶାଗୁଆନ୍ କାଠରେ ତିଆରି। ୧୭ ଫୁଟ୍ ଉଚ୍ଚ, ୯ ଫୁଟ୍ ଓସାର ଓ ୩୦ ଫୁଟ୍ ଲମ୍ବା ଏହି ଚରଖାଟି ୫୫ ଦିନରେ ଗୁଜୁରାଟ, ଅହମ୍ମଦାବାଦର ୪୨ ଜଣ କାଠ କାରିଗରଙ୍କ ଦ୍ୱାରା ନିର୍ମିତ ହୋଇଥିଲା।

**କୋଏମ୍ବାଟୋର୍‌ର ଚରଖା ପ୍ରତିକୃତୀ:** କୋଏମ୍ବାଟୋର୍‌ର ରେସ୍ କୋର୍ସ ରୋଡ୍‌ରେ ୧୫ ଫୁଟ ଲମ୍ବ, ୯ ଫୁଟ ଉଚ୍ଚତାର ଏକ ଚରଖା ସ୍ଥାପନ କରାଯାଇଛି। ପ୍ରାୟ ସାଢେ ଛଅ ଫୁଟ୍ ଓସାରର ଏହି ଚରଖା ସ୍ୱାଧୀନତା ସଂଗ୍ରାମରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ମହାତ୍ମା ଗାନ୍ଧୀଙ୍କ ଚରଖାର ଏକ ପ୍ରତିରୂପ। ଆଜିକାର ଯୁବପିଢିଙ୍କ ମଧ୍ୟରେ ଖଦୀ ଆନ୍ଦୋଳନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ପ୍ରତିକୃତୀର ଉଦ୍ଦେଶ୍ୟ।







# ଷ୍ଟୋନ୍ ୱାଚ୍

**ଆ**ଜିକାଲି ସ୍ମାର୍ଟ ୱାଚ୍‌ର ଚାହିଦା ବହୁତ ରହିଛି। ତେଣୁ ସ୍ମାର୍ଟ ୱାଚ ନିର୍ମାତାମାନେ ନୂଆ ନୂଆ ଫିଚର୍‌ର ସ୍ମାର୍ଟୱାଚ୍ ଗ୍ରାହକଙ୍କୁ ଯୋଗାଇବାକୁ ପ୍ରୟାସ କରୁଛନ୍ତି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଜାପାନରେ ଏମିତି ଏକ କମ୍ପାନୀ ଅଛି ଯିଏ ତିଆରି କରୁଛି ଡମ୍ୱେଷ୍ଟ ବା ଜଡ ୱାଚ୍। ଏହି ଘଣ୍ଟା ଦେଖିବାକୁ ପୁରାପୁରି ସ୍ମାର୍ଟ ୱାଚ୍ ପରି ହେଲେ ଏଥିରେ ନାହିଁ ସ୍ମାର୍ଟ ୱାଚ୍‌ର କୌଣସି ଫିଚର୍। ନା ଏହା ଦେଖାଏ ହାର୍ଟ ରେଟ୍, ଅକ୍ସିଜେନ୍ ଲେଭଲ୍ ନା ଏଥିରେ ଅଛି ସ୍ମାର୍ଟଫୋନ୍ କନେକ୍ଟିଭିଟି। ଏମିତିକି ଏହି ଘଣ୍ଟା ସମୟ ବି ଦେଖାଇ ନ ଥାଏ। କାରଣ ଏଥିରେ ଡିସ୍‌ପ୍ଲେ ମଧ୍ୟ ନାହିଁ। ଡିସ୍‌ପ୍ଲେ ସ୍ଥାନରେ ଅଛି ଡିସ୍‌ପ୍ଲେ ଆକାରର କଳାରଙ୍ଗର ପ୍ଲାଷ୍ଟିକ୍। ଆଉ ତାସହିତ ଲାଗି ରହିଛି ସିଲିକନ୍ ବ୍ୟାଣ୍ଡ। ଏହି ଘଣ୍ଟା ଦେଖିବାକୁ ଖାଲି ସ୍ମାର୍ଟ ୱାଚ୍ ପରି। ହେଲେ ଏହା ସାଧାରଣ ଘଣ୍ଟା ପରି ମଧ୍ୟ କାମ କରି ନ ଥାଏ। ତେଣୁ ଏହି ୱାଚ୍‌କୁ 'ଷ୍ଟୋନ୍ ୱାଚ୍' ବି କୁହାଯାଉଛି। ତାମା-କ୍ୟୁ ନାମକ ଜାପାନୀ କ୍ୟାପ୍‌ସ୍ୟୁଲ୍ ଖେଳନା ନିର୍ମାତା ତିଆରି କରିଛି ଉକ୍ତ ୱାଚ୍। ଏହା ପାଞ୍ଚୋଟି ଭିନ୍ନ ଭିନ୍ନ ରଙ୍ଗରେ ଉପଲବ୍ଧ ହେଉଛି ଓ ଏହାର ମୂଲ୍ୟ ୩ ଡଲାର ରଖାଯାଇଛି।

# ଜନ୍ମଦିନ



## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

**ଆ**ଜିକାଲିର ଇଣ୍ଟରନେଟ୍ ସର୍ବସ୍ୱ ଆଧୁନିକ ଯୁଗରେ ପ୍ରତ୍ୟେକ ମଣିଷର ଅନ୍ତତଃ ଦୁଇ ତିନିଟି ଜନ୍ମଦିନ ପାଳନ ହେଉଛି । ଇଂଲିଶ୍ ତାରିଖ, ସାର୍ଟିଫିକେଟ୍ ତାରିଖ, ଫେସ୍‌ବୁକ ତାରିଖ ଓ ଘରେ (ସମ୍ଭବତଃ କେବଳ ମା') ଓଡ଼ିଆ ତିଥି ଅନୁଯାୟୀ ତାରିଖ। ଜନ୍ମ ହୋଇ ପୃଥିବୀ କିମ୍ବା ଦେଶର କି ଉପକାର କଲ ନ କଲ ତାହା ଭିନ୍ନ କଥା, କିନ୍ତୁ ଜନ୍ମହେଇଛ ସେତକ ମୁଖ୍ୟ। ଜନ୍ମ ହେଇଛ ମାନେ ଜନ୍ମଦିନ ଅଛି ଆଉ ଜନ୍ମଦିନ ଅଛି ମାନେ ଏହା ପାଳନ ହେବା ଦରକାର। ତେଣୁ ବର୍ଷରେ ତିନି ଚାରିଥର କିମ୍ବା ଅଧିକଥର ପାଳନ ହେଲେ କ୍ଷତି ନାହିଁ। ଉତ୍ସବ ପ୍ରିୟ ମଣିଷ ଚାହେଁ ଟିକେ ଖୁସି ହେଉ ପଛେ ମିଛ ଜନ୍ମଦିନର ବାହାନାରେ ପୁଳେ ମିଳିଯାଉ। ତାକୁ ସମସ୍ତେ ଗୁରୁତ୍ୱ ଦିଅନ୍ତୁ, ଶୁଭେଚ୍ଛା ଜଣାନ୍ତୁ। ପରିବାରରେ ସବୁଦିନେ ଗୁରୁତ୍ୱହୀନ ଓ ଅପରିପକ୍ୱ ମନେହେଉଥିବା ବ୍ୟକ୍ତି ଜଣଙ୍କ ଜନ୍ମଦିନରେ ହଠାତ୍ ଗୁରୁତ୍ୱପୂର୍ଣ୍ଣ ମନେହୁଅନ୍ତି।

ଆଜି ବାଇଶ ଜାନୁୟାରୀ। ଇଂଲିଶ୍ ତାରିଖ ଅନୁଯାୟୀ ମୋର ଜନ୍ମଦିନ। କମ୍ବଳ ଭିତରେ ଶୀତୁଆ ସକାଳର ଉଷୁମ ମଜା ନେଉଥିବାବେଳେ ମୋବାଇଲ ରିଙ୍ଗ୍‌ରେ ନିଦ ଭାଙ୍ଗିଗଲା। ବିରକ୍ତରେ ଫୋନ୍ ଉଠାଏ ତ ଆରପଟୁ ଶୁଭିଲା ହ୍ୟାପି ବାର୍ଥ ଡେ ସାଙ୍ଗ।

– ଏଁ ଆଜି କ'ଣ କି ? ମୁଁ କୁନ୍ଥେଇକି କହିଲି ।

– ମାନେ! ବନ୍ଧୁ ଜଣଙ୍କ ଆଶ୍ଚର୍ଯ୍ୟ ହୋଇ ପଚାରିଲେ। ହୁଏତ ମନେ ମନେ ଭାବୁଥିବେ ଶଳାଟାକୁ ବୋଧେ କେହି ଏଯାଏ ଜନ୍ମଦିନ ଉଇସ୍ କରିନାହାନ୍ତି। ହଁ, ଇଏ ଏମିତି କେଉଁ ମନୋଜ ଦାସ କି ? ଲୋକ ସକାଳୁ ଫୁଲତୋଡ଼ା ଧରି ଘର ବାହାରେ ଅପେକ୍ଷା କରିଥାନ୍ତେ। 'ଆଜି ପାର୍ଟି କେତେବେଳେ ?' ପୁଣି ବନ୍ଧୁ ପଚାରିଲେ। 'ପାର୍ଟି ?, କି ପାର୍ଟି ? ଏ ବୟସରେ ଆଉ ପାର୍ଟି ଫାର୍ଟି କଣ କିଛି ଥାଏ ।'

– ''ନା ନା, ସେମିତି କେମିତି ହେବ। ଦୁଇ ବର୍ଷହେଲା କରୋନା ପାଇଁ ଯିବାଆସିବା ବନ୍ଦ ଥିଲା, ହେଲେ ସେ ସବୁ ବାରଣ ଏବେ ନାହିଁ। ଗୋଟେ ପାର୍ଟି ତ ନିହାତି ଦରକାର।'' ଶେଷରେ ଯେନତେନ ପ୍ରକାରେ ବନ୍ଧୁଙ୍କୁ ବୁଝେଇ ଫୋନ କାଟିଲି। କମ୍ବଳ ଭିତରେ ଅର୍ଦ୍ଧନିଦ୍ରାରେ ସ୍ୱପ୍ନ ଦେଖୁଛି ମୋ' ଜନ୍ମଦିନ ପାଇଁ ବନ୍ଧୁମାନେ ସପ୍ତାହ ଆଗରୁ ପ୍ରସ୍ତୁତି ଚଳେଇଛନ୍ତି । ମୋ ସମ୍ମାନାର୍ଥେ ଏକ ସଭାର ଆୟୋଜନ କରି ମୋତେ ସମ୍ମାନିତ କରୁଛନ୍ତି । ଚକମକିଆ ଜରିରେ ବନ୍ଧା ହୋଇଥିବା ବଡ଼ ବଡ଼ ଉପହାର ପ୍ୟାକେଟରେ ଭର୍ତ୍ତି ହୋଇଯାଉଛି ମୁଁ ବସିଥିବା ଟେବୁଲ ଉପର। ଏହି ଦିନର ସ୍ମୃତି ସ୍ୱରୂପ ଏକ ଅଭିନନ୍ଦନ ପୁସ୍ତିକା ଛପାଯାଇଛି । ସୁନ୍ଦରିଆ ଫଟୋଗୁଡିକ ମୋର ଗ୍ଲସି ପେପରରେ ଚମକୁଛି । ମୋ' ଟାଇମ୍ ଲାଇନ, ମେସେଞ୍ଜର ଓ ହ୍ୱାଟ୍ସଆପରେ ଶହ ଶହ ଶୁଭେଚ୍ଛା ବାର୍ତ୍ତା ଓ ଭିଡିଓ। ପ୍ରସିଦ୍ଧ ଲେଖକମାନେ ମୋତେ ଶୁଭେଚ୍ଛା ଜଣେଇ ଲେଖିଛନ୍ତି କାଳେ ମୋ ଜନ୍ମ ଦ୍ୱାରା ଏ ଦେଶ, ଏ ମାଟି, ଭାଷା ଓ ସାହିତ୍ୟ ଧନ୍ୟ ହୋଇଛି। ଏପରି ଏକ ସୁଯୋଗ୍ୟ ସନ୍ତାନକୁ ଜନ୍ମଦେଇ ଏ ଜାତି ପାଇଁ ଯେଉଁ ଅନୁଗ୍ରହ କରିଛନ୍ତି, ସେଥିପାଇଁ ମୋ ମା'ପିତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଓଃ ଏତେ ପ୍ରଶସ୍ତି! ଏତେ ଖୁସି, ଏତେ ସମ୍ମାନ ! ଆଉ ଶୋଇପାରିଲି ନାହିଁ। କମ୍ବଳ ଫମ୍ବଳ ଫୋପାଡ଼ି ଉଠିଲି । ଶୀଘ୍ର ଯାଏ, ଘର ବାହାରେ ହୁଏତ ଅନେକ ଲୋକ ମୋ' ଭଳି ଜଣେ ବାଣୀପୁରୁଷକୁ ଜନ୍ମଦିନର ଶୁଭେଚ୍ଛା ଜଣେଇବା ପାଇଁ ଅପେକ୍ଷା କରିଥିବେ !

ସହଳ ନିତ୍ୟକର୍ମ ସାରି ବସିଛି। ସକାଳର ସେହି ପାର୍ଟି ଆଶାୟୀ ବନ୍ଧୁଙ୍କ ଛଡ଼ା ଏଯାଏ କାହାରି ଫୋନ୍ କି ମେସେଜ୍ ନାହିଁ । ହୁଏତ ଏମିତି ହୁଏ। ଏ ଜାତି କେବେ ବି ପୂଜ୍ୟପୂଜାମାନଙ୍କୁ ସମ୍ମାନ ଦେଇ ଶିଖିନି । ଦେଶ, ଭାଷା, ସଂସ୍କୃତିର ରକ୍ଷା ପାଇଁ ଅକଳନୀୟ ତ୍ୟାଗ ସହିଥିବା ଓଡ଼ିଆ ଜାତିର ଚିରସ୍ମରଣୀୟ ଯୁଗଜନ୍ମାମାନଙ୍କ ଜନ୍ମଦିବସକୁ ଏ ଜାତି ମନେରଖିନି। ନିଜ ମନକୁ ବୁଝେଇଦେଲି,ଏପରି ସମୟରେ ଏ ସଦା ଦୀପ୍ତିମାନ ବ୍ୟଙ୍ଗକାରକୁ କିଏ ମନେରଖିବ ! ଏପରି ଆଶା ଏ କୃତଘ୍ନ ଲୋକମାନଙ୍କଠାରୁ ରଖିବା ବୃଥା।

ହମ୍ କୋ ମାଲୁମ୍ ହୈ ଜନ୍ନ କି ହକିକତ୍ ଲେକିନ୍, ଦିଲ୍ କୋ ଖୁସ୍ ରଖନେ




କୋ ଗାଲିବ ୟେ ଖୟାଲ ଅଚ୍ଛା ହୈ।

ପତ୍ନୀ ଚା ନେଇ ଆସିଲାଠୁ ଆଜି ସକାଳୁ ଦେଖିଥିବା ସ୍ୱପ୍ନ ବିଷୟରେ କହିଲି । ପତ୍ନୀ ଦାର୍ଶନିକ ଭଳି ମୋତେ ବୁଝେଇଦେଲେ– ହଁ, ଭୋର ସ୍ୱପ୍ନ ସତ ହୁଏଯେ ହେଲେ ସମସ୍ତଙ୍କର ହେବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ଯଦି କହିବ ମୋର ଜଣେ ସାଙ୍ଗ ଅଛନ୍ତି। ସେ ଅନେକ ପ୍ରସିଦ୍ଧ ଲୋକମାନଙ୍କ ପାଇଁ ଫେସ୍‌ବୁକ୍‌ରେ ଜନ୍ମଦିନର ଶୁଭେଚ୍ଛା ଲେଖନ୍ତି। ସେ ଯାହା ପାଇଁ ଲେଖନ୍ତି ସେମାନେ ପ୍ରସିଦ୍ଧ ହୋଇଯାଆନ୍ତି । ଯଦି କହିବ ମୁଁ ତାଙ୍କୁ ଅନୁରୋଧ କରିବି ତୁମ ପାଇଁ ବନେଇ ଚୁନେଇ ଫେସ୍‌ବୁକରେ କିଛି ଲେଖିଦେବେ। ଦେଖ ଯଦି ଭାଗ୍ୟ ଜୋର ଥିବ, ତା'ହେଲେ ଦଶ କୋଡିଏଟା 'ହାପି ବାର୍ଥ ଡେ' କମେଣ୍ଟ ଆସିଯିବ। ମନ ଦୁଃଖରେ ଫୋନ ଅଣ୍ଡାଳୁଥିଲି। ଆଜି ସକାଳୁ ହ୍ୱାଟ୍ସଆପ୍‌ରେ ଅଳ୍ପ କିଛି ଶୁଭେଚ୍ଛା ବାର୍ତ୍ତା ଆସିଥିଲା। ତା' ଭିତରେ ମୋ' ଅର୍ଦ୍ଧାଙ୍ଗିନୀଙ୍କର ଜନ୍ମଦିନ ପାଇଁ ପଠାଇଥିବା ଶୁଭେଚ୍ଛାଟା ବି ଥିଲା। ଅତ୍ୟନ୍ତ ସୁନ୍ଦରୀ ଝିଅଟିଏ ହାତରେ ଗୋଲାପ ଫୁଲ ଧରିଥିବା ଫଟୋ ତଳେ ଲେଖା ଅଛି 'ଏ ଫୁଲଟା ଖାସ୍ ତୁମ ପାଇଁ' । ପତ୍ନୀ ଏପଟ ସେପଟ ହେଉଥା'ନ୍ତି ତାଙ୍କ ଶୁଭେଚ୍ଛା ଫଟୋ ଉପରେ ମୋ ମନ୍ତବ୍ୟ ଜାଣିବା ପାଇଁ। କିଛି ସମୟ ପରେ ପଚାରିଲେ– 'ମୁଁ ପଠେଇଥିବା ଶୁଭେଚ୍ଛାଟା କେମିତି ଲାଗିଲା ?'

– ହୁଁ, ବହୁତ ଭଲ ଲାଗିଲା ।

– କୋଉଟା ?

ହଠାତ୍ ଏପରି ପ୍ରଶ୍ନରେ ମୁଁ ଅପ୍ରସ୍ତୁତ ହେଇଗଲି। ଅତି ନିରୀହ ପିଲାଟି ପରି ତାଙ୍କ ମୁହଁକୁ ଚାହିଁଲି ।

– ମୋତେ ଏତେ ବୋକା ଭାବନି, ମୁଁ ଠିକ୍ ଜାଣିଛି ତୁମକୁ କୋଉଟା ଭଲ ଲାଗିଥିବ।

– ଯଦି ଜାଣିଛ, ତେବେ ଏତେ ସୁନ୍ଦରୀ ଝିଅଙ୍କ ଫଟୋ ମୋ' ପାଖକୁ କାହିଁକି ପଠାଉଥିଲ ? ଖାଲି ଫୁଲର ଫଟୋ ପଠେଇଥିଲେ ଚଳିଥାନ୍ତା ।

– ଛାଡ଼, ଆଜି ତୁମର ଜନ୍ମଦିନ। ତୁମ ସାଙ୍ଗରେ ଝଗଡ଼ା କରିବିନି। ଆଜିର ଏଇ ପବିତ୍ର ଦିନରେ ତୁମେ ଶପଥ ନିଅ– ଆଜିଠୁ ଦୁନିଆର ସବୁ ଝିଅଙ୍କୁ ନିଜ ଭଉଣୀ ଭଳି ଦେଖିବ ଆଉ ଭଦ୍ରଲୋକଙ୍କ ଭଳି ସେମାନଙ୍କୁ ସମ୍ମାନ ଦେବ ।

– ହଉ କଥା ଦଉଛି ।

ପ୍ରାୟ ଘଣ୍ଟାଏ ବିତିଛି କି ନାହିଁ, ମୋର ଏକମାତ୍ର ଫୁଲେଇ ସାନ ଶାଳୀର ଫୋନ୍ ଆସିଲା, ବୋଧେ ଜନ୍ମଦିନ ପାଇଁ ଶୁଭେଚ୍ଛା ଜଣେଇବା ପାଇଁ।

– ହାଲୋ, ଭାଇ।

– ହଁ ବୋଲିବା ହେଉ ବହେନଜି ।

–ଏଇଟା... କଟକରୁ କହୁଛନ୍ତି ତ ?

–ଆଜ୍ଞା, କୁହନ୍ତୁ ଭଗ୍ନୀଶ୍ରୀ।

– ସଟ୍ ଅପ୍... ଭଦ୍ରାମି ଶିଖିନ ?

– ମୁଁ ଏମିତି କ'ଣ କହିଲିଯେ ଆପଣ ରାଗିଲେ ପ୍ରିୟ ଭଉଣୀ !

– ସରି ... ରଙ୍ଗ ନମ୍ବର । ସେପଟୁ ଫୋନ୍ କଟିଗଲା। ପୁଣି ଥରେ ରିଂ ହେଲା, କିନ୍ତୁ ଶ୍ରୀମତୀଙ୍କ ନମ୍ବରରେ।

– ହାଲୋ ନାନୀ, ଭାଇଙ୍କ ଫୋନ୍ ନମ୍ବରଟା କ'ଣ ଚେଞ୍ଜ୍ ହେଇଯାଇଛିକି ?

– କାହିଁ ନାହିଁ ତ ସେଇ ପୁରୁଣା ନମ୍ବର ଅଛି ତ।

– ଭାଇ ଯଦି ପାଖରେ ଅଛନ୍ତି ଟିକେ ଫୋନଟା ଦେ' ତ। ଭାଇ ତୁମେ ଏବେ ମୋ' ସାଙ୍ଗରେ କଥା ହେଉଥିଲଟି! ଆଉ ଏମିତି କ'ଣ ବହେନଜୀ, ଭଗ୍ନୀଶ୍ରୀ ସବୁ କହୁଥିଲ ? ମୁଁ କ'ଣ ଏବେ ବହେନଜୀ ଭଳିଆ ଦେଖାଗଲିଣି କି ?

– ନାହିଁ ଭଉଣୀ, ତୁମେ ତ ମୋତେ ଗୋଟେ ସାଇଡ୍‌ରୁ ଅସୁରି ରାୟ (ସରି ସ୍ପେଲିଂ ମିଷ୍ଟେକ୍ ଐଶ୍ୱରିୟା) ଭଳିଆ ଦେଖାଯାଅ, କିନ୍ତୁ କ'ଣ କରିବା ଆପଣଙ୍କ ଭଗ୍ନୀ ତ ମୋତେ ଶପଥ ଦେଇଛନ୍ତି ଆଜିଠୁ ସମସ୍ତଙ୍କୁ ସମ୍ମାନର ସହ ଭଉଣୀ ଦୃଷ୍ଟିରେ ଦେଖିବା ପାଇଁ। ଆଉ କୁହନ୍ତୁ କ'ଣ ପାଇଁ ଫୋନ୍ କରିଥିଲେ ବହେନଜୀ ?

– ବହେନଜୀ ନା ଚୋପା। ନାନୀର ମୁଣ୍ଡ ଖରାପ ହେଇଗଲାଣି।

*–ବନମାଳୀ ଭବନ, ଖାନ୍‌ନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଫଗୁଣ ଫେରିବନି

**ଇଂ ଜଗଦୀଶ ମିଶ୍ର**
**ପ୍ରକାଶକ–ଲେଖାଲେଖି**
**ଭିଏସ୍ଏସ୍ ନଗର, ଭୁବନେଶ୍ୱର, ମୂଲ୍ୟ–୨୦୦ଟଙ୍କା**

**ଫ**ଗୁଣ ଫେରିବନି ଇଂ ଜଗଦୀଶ ମିଶ୍ରଙ୍କ ଉପନ୍ୟାସ । ଏଥିରେ ଲେଖକ ଜୀବନ ଆଉ ଦର୍ଶନର କଥା କହିଛନ୍ତି । 'ଦାୟିତ୍ୱ ମାନେ ହିଁ ପରା ଅଟଇ ଜୀବନ, ସମୟ ଜଗି ସମସ୍ୟା କର ସମାଧାନ' । ସେ ତାଙ୍କ ଲେଖା ମାଧ୍ୟମରେ ସଚେତନ କରିଛନ୍ତି ଯେ, ଯାହାକୁ ଯାହା ଦାୟିତ୍ୱ ଦିଆଯାଇଛି ତାକୁ ଠିକ୍ ଭାବେ ସମୟ ଅନୁସାରେ ପାଳନ କର। ସେ ପୁଣି ତାଙ୍କ ଲେଖାରେ ଜୀବନ ଜୀଇଁବାର ସ୍ୱପ୍ନ କଥା ମଧ୍ୟ କହୁଛନ୍ତି। ଏଠି ଅଛି ସ୍ୱପ୍ନ ଭାଙ୍ଗିଯିବାର ଧୂସର ସ୍ଥାପତ୍ୟ ପୁଣି ଅଛି ପୁଲକିତ ହେବାର ଆନୁପାତିକ ଆବେଗ। ଉପନ୍ୟାସଟି ଯେ ଜୀବନବାଦର ଏକ ଅନୁକ୍ରମ ତାହା ସ୍ୱୀକାର କରାଯାଇପାରେ। ଯାହା ପାଠକୀୟ ସ୍ୱୀକୃତିର ଦାବି ରଖେ।




### ମୋଦିଜୀଙ୍କୁ ଚିଠି

**ଅମରେଶ ବିଶ୍ୱାଳ, ବିଶ୍ୱମୁକ୍ତି ପବ୍ଲିକେଶନ**
**ଭୁବନେଶ୍ୱର, ମୂଲ୍ୟ–୨୦୦ଟଙ୍କା**

**ମୋ**ଦିଜୀଙ୍କୁ ଚିଠି ଅମରେଶ ବିଶ୍ୱାଳଙ୍କ ପ୍ରବନ୍ଧ ସଂକଳନ । ଏଥିରେ ୨୮ଟି ପ୍ରବନ୍ଧ ରହିଛି। ଆପଣା ଆଶା ଓ ସମ୍ଭାବନାର ପରିଭାଷାକୁ ଅନ୍ୟପାଖରେ ଥୋଇବା କିମ୍ବା କୌଣସି ସମସ୍ୟାର ସମାଧାନ ପାଇଁ ଗୁଣ୍ଠୁଚିମୂଷା ଭଳି କିଛି ସହାୟତା ଦେବା ଚିଠି ଲେଖାର ମୂଳ ଅଭିପ୍ରାୟ । ମୋଦିଙ୍କ ମନ୍‌କି ବାତ୍ କାର୍ଯ୍ୟକ୍ରମରେ ଲେଖକ ସାମିଲ ହୋଇ ବିଫଳ ହୋଇଛନ୍ତି । କିନ୍ତୁ ତାକୁ ସେ ଚିଠି ମାଧ୍ୟମରେ ଉପସ୍ଥାପିତ କରି ମନକୁ ହାଲ୍‌କା କରିଛନ୍ତି । ଯାହା ତାଙ୍କୁ ଅନେକାଂଶରେ ଆନନ୍ଦ ଦେଇଛି ।




### ବିଶ୍ୱନୀଡ଼ର ପକ୍ଷୀ

**ରାଜକିଶୋର ପାଢୀ**
**ପ୍ରକାଶକ–କୃଷ୍ଣା, ଜାରକା, ଧର୍ମଶାଳା, ଯାଜପୁର**
**ମୂଲ୍ୟ–୯୧ଟଙ୍କା**

ବିଶ୍ୱନୀଡର ପକ୍ଷୀ ରାଜକିଶୋର ପାଢୀଙ୍କ ପୁସ୍ତକ। ଏହା ପ୍ରଫେସର ଚିତ୍ତରଂଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ଉପରେ ଆଧାରିତ ଲେଖାର ସମାହାର। ଲେଖାଗୁଡିକରୁ ଜଣାପଡେ ଲେଖକ ଥିଲେ ଚିତ୍ତ–ମଗ୍ନ ଓ ଚିତ୍ତ–ମନସ୍କ। ତାଙ୍କ ଲେଖାରେ ଅଛି ଚିତ୍ତ–ବାସ୍ନା। ତାଙ୍କ ଭାଷାରେ କହିହେବ କେମିତି ବୁଝିଥିଲେ ସେ ଚିତ୍ତ ରଂଜନଙ୍କୁ। ଲେଖାଟିରେ ସ୍ଥାନିତ ହୋଇଛି କିଛି କବିତା। ଯାହା ସେ ଲେଖିଛନ୍ତି ଚିତ୍ତ ରଂଜନଙ୍କୁ ସ୍ୱପ୍ନରେ ଦେଖିବା ପରେ। ପୁସ୍ତକଟି ଚିତ୍ତରଂଜନଙ୍କ ଉପରେ ଏକ ଚମତ୍କାର ପରିକଳ୍ପନା।



# ପାହାଡ଼ରେ ଲାଗିଛି ନିଆଁ

ପୃଥିବୀରେ ଏମିତି ଅନେକ ସ୍ଥାନ ଅଛି, ଯାହା ଦୀର୍ଘ ସମୟ ଧରି ଲୋକଲୋଚନକୁ ଆସିପାରି ନ ଥାଏ। ଆଉ ଯେବେ ଲୋକଲୋଚନକୁ ଆସେ ତାହା ସମସ୍ତଙ୍କ ପାଇଁ ବିସ୍ମୟର କାରଣ ପାଲଟେ। ସେମିତି ଏକ ସ୍ଥାନ ହେଉଛି ଆଜରବାଇଜାନ୍‌ରେ ଥିବା ଏକ ପାହାଡ। ଏହି ପାହାଡର ବିଶେଷତ୍ୱ ହେଉଛି ଯେ, ବର୍ଷ ବର୍ଷ ଧରି ଉକ୍ତ ପାହାଡ଼ରେ ନିଆଁ ଲାଗି ରହିଛି। ତେବେ ଏଇ ନିଆଁ କେବେଠାରୁ ଓ କେମିତି ଲାଗିଛି ତାହା କେହି ଜାଣି ନାହାନ୍ତି। ଏହା ମଧ୍ୟ ଜଣା ନାହିଁ ଯେ, ଏହା ଏତେ ବର୍ଷ ଧରି କିଭଳି ଜଳି ରହିଛି ଓ କାହିଁକି ଲିଭୁ ନାହିଁ। ସିଏନ୍‌ଏନ୍ ୱେବସାଇଟ୍ ଅନୁସାରେ ଆଜରବାଇଜାନ୍‌କୁ ଲାଣ୍ଡ ଅଫ୍ ଫାୟାର ବୋଲି କୁହାଯାଏ। କାରଣ ଏଠାରେ ଏମିତି କିଛି ସ୍ଥାନ ଅଛି, ଯେଉଁଠି



ଆପେ ଆପେ ନିଆଁ ଲାଗିଯାଏ। ତେବେ ଆଜରବାଇଜାନର ରାଜଧାନୀ ବାକୁ ନିକଟସ୍ଥ ଏବଶେରନ୍ ପେନିନ୍‌ସୁଲାରେ ଥିବା 'ୟନାର ଡେିଗ' ପାହାଡ ହେଉଛି ଏଠାକାର ମୁଖ୍ୟ ଆକର୍ଷଣ। ସ୍ଥାନୀୟ ଲୋକେ ଉକ୍ତ ପାହାଡକୁ 'ଜଳନ୍ତା ପାହାଡ' ବା 'ଫାୟାର ମାଉଣ୍ଟେନ୍' ବୋଲି କୁହନ୍ତି। ଏଇ ପାହାଡଟି ବେଶ୍ ଛୋଟିଆ। ହେଲେ ଏହାର ତଳଭାଗରେ ଖରା, ବର୍ଷା, ଶୀତ ସବୁ ଋତୁରେ ଅହରହ ନିଆଁ ଜଳିଥାଏ। ବିଶ୍ୱାସ କରାଯାଏ ଏହି ନିଆଁ ୪୦୦୦ ବର୍ଷ ଧରି ଜଳିଆସୁଛି। ଏଭଳି ଜଳିବା ପଛର କାରଣଭାବେ କେହି କେହି କୁହନ୍ତି, ଆଜରବାଇଜାନ୍‌ରେ ଗ୍ୟାସ୍‌ର ବଡ଼ ବଡ଼ ଭଣ୍ଡାର ଅଛି। ଅନେକ ସମୟରେ ଏହି ଭୂତଳ ଗ୍ୟାସ୍ ଲିକ୍ ହୋଇଥାଏ। ଆଉ ଯେବେ ଏହା ବାୟୁ ସଂସ୍ପର୍ଶରେ ଆସେ ନିଆଁ ଜଳି ଉଠେ। ତ୍ରୟୋଦଶ ଶତାବ୍ଦିରେ ଯେବେ ମାର୍କୋପୋଲୋ ଏଠାକୁ ଆସିଥିଲେ ସେ ମଧ୍ୟ ଏହି ସମ୍ପର୍କରେ ପ୍ରକାଶ କରିଥିଲେ। ପୂର୍ବେ ଏଭଳି ନିଆଁ ଲାଗିବା ସାଧାରଣ କଥା ଥିଲା। ଫଳରେ ପ୍ରାକୃତିକ ଗ୍ୟାସ୍ ଭଣ୍ଡାରର ସ୍ତର କମି ଯାଉଥିଲା। ସେଥିପାଇଁ ପରବର୍ତ୍ତୀ ସମୟରେ ଗ୍ୟାସ୍ ଲିକ୍ ହେଉଥିବା ଅଧିକାଂଶ ସ୍ଥାନକୁ ବନ୍ଦ କରି ଦିଆଗଲା। କିନ୍ତୁ ଏବେବି କିଛି ସ୍ଥାନରେ ଗ୍ୟାସ୍ ଲିକ୍ ହେଉଛି। ସେଥିମଧ୍ୟରେ 'ୟନାର ଡେିଗ' ପାହାଡ ହେଉଛି ଅନ୍ୟତମ। ତେଣୁ ଏଠାରେ ଅହରହ ନିଆଁ ଜଳି ରହୁଛି।





ବ୍ୟାକ୍ ପେଜ୍

# ସବୁଠୁ ଛୋଟ ଠେକୁଆ

ପ୍ରକୃତି ପ୍ରତ୍ୟେକ ପ୍ରାଣୀଙ୍କ ମଧ୍ୟରେ ଭରିଛି କିଛି ନା କିଛି ବିଶେଷତ୍ୱ। କିଏ ଦ୍ରୁତ ଗତିରେ ଦୌଡିପାରେ ତ କିଏ ଛଦ୍ମବେଶ ଧାରଣ କରିପାରେ। ପୁଣି କିଏ ନିଜର ବିଶାଳ ଶରୀର ପାଇଁ ପରିଚିତ ତ କିଏ ନିଜର କ୍ଷୁଦ୍ରକାୟ ଶରୀର ପାଇଁ ପରିଚିତ। ୱାଶିଂଟନ୍ ଷ୍ଟେଟ୍‌ରେ ଦେଖିବାକୁ ମିଳେ ସେମିତି ଏକ ପ୍ରାଣୀ ଯାହା ତା'ର ଶାରୀରିକ ବୈଶିଷ୍ଟ୍ୟ ପାଇଁ ବେଶ୍ ପରିଚିତ। ଏହି ପ୍ରାଣୀଟି ହେଉଛି ଏକ ଠେକୁଆ, ଯାହାର ନାଁ କଲମ୍ବିଆନ ବେସିନ୍ ପିଗ୍‌ମି ରାବିଟ୍। ଏହି ଠେକୁଆ ସାଧାରଣ ଠେକୁଆଠାରୁ ଆକାରରେ ବହୁତ ଛୋଟ। କହିବାକୁ ଗଲେ ଏକ ମୂଷା ପରି ଏହାର ଶରୀର। ଆଉ ମଣିଷ ହାତ ପାପୁଲି ଭିତରେ ଏହା ବେଶ୍ ଆରାମରେ ରହିଯାଏ। ତେଣୁ ଏହାକୁ ପୃଥିବୀର ସବୁଠାରୁ ଛୋଟ ଠେକୁଆର ମାନ୍ୟତା ମିଳିଛି। ଏହା ବେଶ୍ ବିରଳ ମଧ୍ୟ। ଏହାର ଓଜନ ୫୦୦ ଗ୍ରାମରୁ କମ୍‌ହୋଇଥିବାବେଳେ ଲମ୍ବ ୨୩.୫ ସେ.ମି.ରୁ ୨୯.୫ ସେ.ମି. ପର୍ଯ୍ୟନ୍ତ ରହେ। ଏହି ସୁନ୍ଦର ଠେକୁଆକୁ କିନ୍ତୁ ଘରେ ରଖିହେବ ନାହିଁ। କାରଣ ଏହା ଜଙ୍ଗଲି ଓ ବିରଳ ପ୍ରଜାତିର ଅଟେ।

# ମହିଳାଙ୍କ ପରଫ୍ୟୁମ୍ ପ୍ରେମ



ପ୍ରତ୍ୟେକ ବ୍ୟକ୍ତିଙ୍କ ପସନ୍ଦ ନାପସନ୍ଦ ଭିନ୍ନ ଭିନ୍ନ ହୋଇଥାଏ। ଏମିତି ବି ଲୋକ ଅଛନ୍ତି, ଯେଉଁମାନେ ନିଜ ପ୍ରିୟ ଜିନିଷ ପାଇଁ ପାଗଳ ପ୍ରାୟ ହୋଇ ଯାଆନ୍ତି। ଏଇ ଯେମିତି ଯୋଶଫିନ୍ ନାମ୍ନୀ ଜଣେ ମହିଳା। ଯୋଶଫିନ୍‌ଙ୍କୁ ସୁଗନ୍ଧ ବହୁତ ପସନ୍ଦ। ତେଣୁ ସେ ଘରେ ଶହ ଶହ ପରଫ୍ୟୁମ ବୋତଲ ରଖିଛନ୍ତି। ଫଳରେ ତାଙ୍କ ଘର ଲାଗେ ଏକ ପରଫ୍ୟୁମ୍ ଦୋକାନ ପରି। ଯୋଶଫିନ୍ ଶୋଇବାବେଳେ ବି ପରଫ୍ୟୁମ୍ ଲଗାଇ ଶୁଅନ୍ତି। ତେବେ ସେ ଗୋଟିଏ ସୁଗନ୍ଧର ପରଫ୍ୟୁମ ବେଶି ଦିନ ଲଗାଇବାକୁ ଭଲ ପାଆନ୍ତି ନାହିଁ। ତେଣୁ ସେ ୪୦୦ରୁ ଊର୍ଦ୍ଧ୍ୱ ପରଫ୍ୟୁମ ବୋତଲ ସଂଗ୍ରହ କରି ରଖିଛନ୍ତି। ଯେଉଁଥିରେ ଭିନ୍ନଭିନ୍ନ ଫୁଲର ମହକର ପରଫ୍ୟୁମ ଅଛି। ସେ କୁହନ୍ତି, 'ଆମେ ଯେତେ ଭଲ ସୁଗନ୍ଧର ପରଫ୍ୟୁମ ବ୍ୟବହାର କରିବା ଆମର ଆତ୍ମ ବିଶ୍ୱାସ ସେତେ ବଢିବ ଓ ଭଲ ଅନୁଭବ ମିଳିବ। ତେଣୁ ସମସ୍ତେ ପରଫ୍ୟୁମ ବ୍ୟବହାର କରିବା ଭଲ।' ଯୋଶଫିନ୍ ଗ୍ଲୋସିୟର ୟୁ ନାମକ ପରଫ୍ୟୁମ ଅଧିକ ବ୍ୟବହାର କରନ୍ତି, ଯାହାର ମୂଲ୍ୟ ୫୦୦୦ ଟଙ୍କା।